# ଜିଲ୍ଲା କଂଗ୍ରେସର ୧୦ ଗ୍ୟାରେଣ୍ଟି କାର୍ଡ ଉନ୍ମୋଚିତ

**ଯାଜପୁର ଟାଉନ,୨୩।୩ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

୨୦୨୪ ସାଧାରଣ ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ୧୦ ଗ୍ୟାରେଣ୍ଟି ଘୋଷଣା ହୋଇଛି। ୨୪ ବର୍ଷର ବିଜେଡି ଓ ୯ ବର୍ଷର ଭାଜପା ଶାସନରେ ଯାହା ହୋଇନାହିଁ ତାହା କଂଗ୍ରେସ କରି ଦେଖାଇବ ବୋଲି କୁହାଯାଇଛି। ଏନେଇ ଯାଜପୁର ଜିଲା କଂଗ୍ରେସ ପକ୍ଷରୁ ଜିଲା କାର୍ଯ୍ୟାଳୟଠାରେ ଜିଲା ସଭାପତି ମନୋଜ ରାଉତଙ୍କ ସଭାପତିତ୍ୱରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ୟାରେଣ୍ଟି କାର୍ଡକୁ ଉନ୍ମୋଚନ କରିଥିଲେ। ବୋନସ ସହ ଧାନର ବିକ୍ରୟ ମୂଲ୍ୟ କୁଇଣ୍ଟାଲ ପ୍ରତି ୩ ହଜାର ଟଙ୍କା, କୃଷିଋଣ ଛାଡ ସହ କୃଷକଙ୍କ ପାଇଁ ମାସିକ ୨ହଜାର ପେନସନ, ପ୍ରତ୍ୟେକ ଘରୋଇ ଉପଭୋକ୍ତାଙ୍କ ପାଇଁ ୨୦୦ ୟୁନିଟ ବିଦ୍ୟୁତ୍ ଦେୟ ଛାଡ, ମାସିକ ୩ ହଜାର ଟଙ୍କାର ବେକାରୀ ଭତ୍ତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଛାଡ, ପ୍ରତ୍ୟେକ ଘରର ମୁଖ୍ୟ ମହିଳାଙ୍କୁ ମାସିକ ୨ ହଜାର ଟଙ୍କା ଭତ୍ତା, ପ୍ରତି ପରିବାରକୁ ମାସିକ ୫୦୦ ଟଙ୍କାରେ ଗ୍ୟାସ୍ ସିଲିଣ୍ଡର, ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ୨ ହଜାର ସହ ଚାକିରି କ୍ଷେତ୍ରରେ ପଛୁଆ ବର୍ଗଙ୍କ ପାଇଁ ୨୭ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା, ୨୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା, ୫ଲକ୍ଷ ଯୁବତୀଯୁବକଙ୍କୁ ନିଯୁକ୍ତି, ଚିଟଫଣ୍ଡ ଜମାକାରୀଙ୍କୁ ୬ମାସ ମଧ୍ୟରେ ସୁଧ ସହ ଜମାରାଶି ଫେରସ୍ତ, ଆଦିବାସୀ ଓ ଦଳିତଙ୍କ ନିଜ ଜମି ଏବଂ ଜଙ୍ଗଲ ଜମି ଉପରେ ସମ୍ପୂର୍ଣ୍ଣ ଅଧିକାର ଓ ଶହେ ଦିନ ମଧ୍ୟରେ ପେସା ଆଇନକୁ କଡାକଡି ଭାବେ ଲାଗୁ କରାଯିବାକୁ ଗ୍ୟାରେଣ୍ଟି କାର୍ଡରେ ପ୍ରତିଶ୍ରୁତି ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ପିସିସି ସାଧାରଣ ସମ୍ପାଦକ ସନ୍ତୋଷ ନନ୍ଦ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଆରତୀ ଦେଓ, ଅଜୟ ସାମଲ, ବିଭୂତି ମହାପାତ୍ର, ଆଦିତ୍ୟ ମହାନ୍ତି, ବଳଭଦ୍ର ଦାସ, ଅକ୍ଷୟ ଜେନା, ଦୁର୍ଯ୍ୟୋଧନ ବେହେରା, ଦିଲୀପ ଦାଶ, ବିଳାସ ରାଉତ, ନାରାୟଣ ସାମନ୍ତ, ଆଲୋକ ବେହେରା, କିଷାନ ପଣ୍ଡା, ଗଦାଧର ଦାସ, ଅଞ୍ଚଳ ଦାସ, ଦେବେନ୍ଦ୍ର ପଣ୍ଡା, ଶ୍ୟାମସୁନ୍ଦର କର, ପ୍ରମୋଦ ଦାସ, ମହେଶ୍ୱର ଦାସ, ମଧୁସ୍ମିତା ଆଚାର୍ଯ୍ୟ, ବିଦ୍ୟାଧର ମହାନ୍ତି, ଅକ୍ଷୟ ସାମଲ, କନକ ମଲ୍ଲିକ, ରାଜୀବ ମହାପାତ୍ର, ବିଜୟ ମହାପାତ୍ର ଓ ରସୁଲପୁର ବ୍ଲକ୍ ସଭାପତି ମିହିର ମିଶ୍ର ପ୍ରମୁଖ ଉପସ୍ଥିତଥିଲେ।



କଂଗ୍ରେସ ନେତାମାନେ ଗ୍ୟାରେଣ୍ଟି କାର୍ଡ ଉନ୍ମୋଚନ କରୁଛନ୍ତି।

# ଦୁର୍ଘଟଣାରେ ମହିଳା ସହଯୋଗୀ ମୃତ, ଡାକ୍ତର ଗୁରୁତର

**ଚଣ୍ଡିଖୋଲ,୨୩।୩ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ବଡ଼ଚଣା ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ବଡ଼ଚଣା ପେଟ୍ରୋଲ ପମ୍ପ ନିକଟରେ ଶନିବାର ସକାଳେ ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ହୋମିଓପ୍ୟାଥିକ ଡାକ୍ତରଙ୍କ ମହିଳା ସହଯୋଗୀଙ୍କ ମୃତ୍ୟୁ ହୋଇଛି। ହୋମିଓପ୍ୟାଥିକ ଡାକ୍ତର ଗୁରୁତର ହୋଇଛନ୍ତି।

ସୂଚନା ଅନୁଯାୟୀ, ହୋମିଓପ୍ୟାଥିକ ଡାକ୍ତର ସତ୍ୟଜିତ ଦାଶ ସକାଳେ ବଡ଼ଚଣା ମେଡିକାଲ ଛକସ୍ଥିତ ବାସଭବନରୁ କଡ଼େଇଛକ ହୋମିଓ ସେବାସଦନକୁ ତାଙ୍କ ମହିଳା ସହଯୋଗୀଙ୍କ ସହିତ ସ୍କୁଟି ଯୋଗେ ଯାଉଥିଲେ। ଏହି ସମୟରେ ବଡ଼ଚଣା ଛକଠାରୁ ମାତ୍ର ୩୦୦ ମିଟର ଦୂରରେ ସ୍କୁଟି ସମ୍ମୁଖକୁ ଏକ ଅଜଣା ଗାଡି ହଠାତ ପଶିଯିବାରୁ ସେମାନେ ଭାରସାମ୍ୟ ହରାଇ ରାସ୍ତା ଉପରେ ପଡ଼ିଯାଇଥିଲେ। ଫଳରେ ପଛରୁ ଆସୁଥିବା ଏକ ଗ୍ୟାସ ଟ୍ୟାଙ୍କର ସେମାନଙ୍କ ଉପରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ଡାକ୍ତରଙ୍କ ସହଯୋଗୀ ନିକଟବର୍ତ୍ତୀ କଡେଇ ଗ୍ରାମର ଶକୁନ୍ତଳା ସେଠୀ(୪୮)ଙ୍କ ମୃତ୍ୟୁ ହୋଇଥିଲା। ଡାକ୍ତର ଦାଶ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବଡ଼ଚଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ପରେ ଦୁର୍ଘଟଣା ଘଟାଇଥିବା ଗ୍ୟାସ ଟ୍ୟାଙ୍କରକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

# ରବି ଲାବଣ୍ୟଙ୍କ କାର୍ଯ୍ୟକୁ ଝୁରୁଛନ୍ତି ଧର୍ମଶାଳାବାସୀ

**ଧର୍ମଶାଳା,୨୩।୩(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ବିୟୋଗକୁ ଇତି ମଧ୍ୟରେ ୫ ମାସ ବିତିଗଲାଣି। ମାତ୍ର ସେ କରିଯାଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ମନେ ପକାଇ ଧର୍ମଶାଳାବାସୀ ଏବେ ବି ଝୁରି ହେଉଛନ୍ତି। ଲାବଣ୍ୟ ବିଧାୟକ ଥିବାବେଳେ ଯେତିକି ବିକାଶମୂଳକ କାର୍ଯ୍ୟ କରିଥିଲେ, ବିଧାୟକରୁ ଯିବାପରେ ମଧ୍ୟ ବହୁ ଉନ୍ନୟନମୂଳକ କାର୍ଯ୍ୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି। ତାଙ୍କ ଉଦ୍ୟମରେ ଜାରକାରେ ଫ୍ଲାଇଓଭର ବ୍ରିଜ, ଗଳିପୋଲ ନିର୍ମାଣ କରାଯାଇଛି। ଧର୍ମଶାଳା ଅଞ୍ଚଳର ୯ଟି ପ୍ରସିଦ୍ଧ ବୌଦ୍ଧ କୀର୍ତ୍ତି ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇଛି। ଜାରକାଠାରେ ଜିଲା ସହକାରୀ ହସ୍ତଶିଳ୍ପ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଛି। ସେ ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ର ପ୍ରତିଷ୍ଠା କରିବା ସହ ମହିଳାଙ୍କୁ ଚାନ୍ଦୁଆ ନିର୍ମାଣ ତାଲିମ, କୁମ୍ଭାର ସମ୍ପ୍ରଦାୟର ଲୋକଙ୍କୁ ଟେରାକୋଟା କାମ ଏବଂ ମିର୍ଜାପୁରର ଦଳିତ ଲୋକଙ୍କୁ ବେତ ବାଉଁଶ କାର୍ଯ୍ୟରେ ନିୟୋଜିତ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ଉଦ୍ୟମରେ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ଏବଂ ଜାତୀୟ ରାଜପଥ ଦ୍ୱାରା ଜାରକାଠାରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି।

ଜାରକାରୁ ଜଳସେଚନ ବିଭାଗ କାର୍ଯ୍ୟାଳୟ ଉଠାଇବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବାବେଳେ ସେ ବିରୋଧ କରିବାରୁ ତାହା ବନ୍ଦ ହୋଇଥିଲା। ଧର୍ମଶାଳା ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ହେଉ ଅବା ସରକାରୀ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଅଭାବ ପ୍ରତ୍ୟେକ ସମସ୍ୟାକୁ ନେଇ ସେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ଦାବି ଉପସ୍ଥାପନ କରିଆସୁଥିଲେ। ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ଜରିଆରେ ସେ ୪୬ ବର୍ଷ ଧରି ବୋଇତ ବନ୍ଦାଣ ଉତ୍ସବ ପାଳନ କରି ଅଞ୍ଚଳରେ ସାଂସ୍କୃତିକ ବିପ୍ଳବ ସୃଷ୍ଟି କରିଥିଲେ। ରାଜ୍ୟ ସରକାର ନିକଟରେ ଜାରକାକୁ ଏନ୍ଏସି ଘୋଷଣା କରିଥିବାବେଳେ ଏଥିରେ ଲାବଣ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଲାବଣ୍ୟଙ୍କ ପ୍ରଗାଢ଼ ଚେଷ୍ଟା ଓ ନିଷ୍ଠା ଯୋଗୁ ଜାରକା ଆଜି ଏନ୍ଏସି ମାନ୍ୟତା ପାଇଥିବାବେଳେ ଆଜି ଖବର ଶୁଣିବାକୁ ସେ ଇହଜଗତରେ ନାହାନ୍ତି। ଜନସାଧାରଣ ତାଙ୍କର ଅବଦାନକୁ ମନେ ପକାଇବା ସହିତ ତାଙ୍କ ପ୍ରିୟ ନେତାକୁ ହରାଇ ଝୁରି ହେଉଛନ୍ତି।

# ଭଗତ ସିଂଙ୍କ ଫାଶୀ ଦିବସ ପାଳିତ



ଭଗତ ସିଂଙ୍କ ଫାଶୀ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ଯାଜପୁରରୋଡ୍,୨୩।୩(ପବିତ୍ର ରଞ୍ଜନ ମହାନ୍ତି):**

ଭଗତ ସିଂ ସ୍ମୃତି ସଂସଦ ପକ୍ଷରୁ ମହାନ ବିପ୍ଳବୀ ଶହୀଦ ଭଗତ ସିଂ, ସୁଖଦେବ, ରାଜ ଗୁରୁଙ୍କ ଫାଶୀ ଦିବସ ବ୍ୟାସନଗରସ୍ଥିତ ନାୟକ ଭବନଠାରେ ଶନିବାର ପାଳିତ ହୋଇଯାଇଛି। ସଂସଦ ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶହୀଦ ଭଗତ ସିଂ ଓ ଯୁବଶକ୍ତି ଶୀର୍ଷକ ଆଲୋଚନା ସଭାକୁ ଶିକ୍ଷକନେତା ଦୁଷ୍ମନ୍ତ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଝୁମୁକା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ଗାନ କରାଯାଇଥିଲା। ଉକ୍ତ ସଭାରେ ଆଇନଜୀବୀ ଗୋକୁଳାନନ୍ଦ ମହାନ୍ତି, ଯାଜପୁର ଜିଲା ଟ୍ୟାକ୍ସବାର ଆସୋସିଏଶନ ସଭାପତି ବିବେକାନନ୍ଦ ମହାନ୍ତି, ସିପିଏମ୍ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ, ଶିଶିର ଭୋଇ, ତ୍ରିଲୋଚନ ରାଉତ ଓ ଶ୍ରମିକ ନେତା ପରମାନନ୍ଦ ସେଠୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଂସଦର ସମ୍ପାଦକ ବିକାଶ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଆଜିବି ଭଗତ ସିଂ ସାଧାରଣ ଜନତା ଓ ଯୁବ ମାନସର ପ୍ରତୀକ। ତେଣୁ ତାଙ୍କ ଆଦର୍ଶରେ ବର୍ତ୍ତମାନର ଯୁବଶକ୍ତି ଅନୁପ୍ରାଣିତ ହେବାକୁ ସଭାପତି ନାୟକ ଆହ୍ୱାନ କରିବା ସହିତ ବ୍ୟାସନଗର ସହରର ଏକ ରାସ୍ତାକୁ ଭଗତ ସିଂ ମାର୍ଗରେ ନାମିତ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ଉପଲକ୍ଷେ ଛୋଟ ପିଲାମାନଙ୍କୁ ନେଇ ଦେଶାତ୍ମବୋଧକ ବକ୍ତୃତା, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀ ଚନ୍ଦନ ଦାସ, ସ୍ୱର୍ଣ୍ଣପ୍ରଭା ସାହୁ, ପୂଜା ମୁଖୀ, ଯାଜ୍ଞସେନୀ ନାୟକ, କ୍ରିଷ୍ଣା ଜେନା, ଏନ୍. ଭାରତୀ ଓ ନନ୍ଦିନୀ ନାୟକଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ସନ୍ତୋଷ ବରାଳ ଓ ରାଜେନ୍ଦ୍ର ସ୍ୱାଇଁ ପରିଚାଳନା କରିଥିଲେ।

# ପୋଲିସ, ସିଆର୍‌ପିଏଫ୍ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

**ଛତିଆ,୨୩।୩(ସୌମ୍ୟଦ୍‌ରଞ୍ଜନ ସାହୁ):**

ଆସନ୍ତା ସାଧାରଣ ନିର୍ବାଚନରେ ବଡ଼ଚଣା ନିର୍ବାଚନମଣ୍ଡଳୀରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ରଖିବା ପାଇଁ ଶନିବାର ଅପରାହ୍ନରେ ବୈରୀ ଥାନା ଅଞ୍ଚଳରେ ପୋଲିସ ଓ ସିଆର୍‌ପିଏଫ୍ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଥାନା ଅଧୀନ ଛତିଆ, ନେଳିଆ, ଚମ୍ପାପୁର, ବୈରୀ, ବନ୍ତଳା, କାଇମାଟିଆ, ଶାଳପଡ଼ା, ସୋଲର, ସମିଆଁ ଓ ପାରିଆ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏହି ଫ୍ଲାଗ ମାର୍ଚ୍ଚ କରାଯାଇଛି। ଏଥିରେ ବୈରୀ ଥାନା ଅଧିକାରୀ ଶରତ ଚନ୍ଦ୍ର ନାୟକ, ଛତିଆ ବିଟ୍ ହାଉସ ଅଧିକାରୀ ମହେନ୍ଦ୍ର କୁମାର ସେଠୀ, ଏସ୍ଆଇ ସ୍ନେହଲତା ଗିରି, ସଂଗ୍ରାମ କେଶରୀ ରାଉତ, ଏଏସ୍ଆଇ ଅକ୍ଷୟ କୁମାର ବେହେରା ଓ ସିଆର୍‌ପିଏଫ୍‌ର ଇନ୍ସପେକ୍ଟର ବିନୟ କୁମାରଙ୍କ ସମେତ ସିଆର୍‌ପିଏଫ୍‌ର ଯବାନମାନେ ସାମିଲ ହୋଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବାଦଲ


@ ସିପୁନ୍


@ ସୁମନ


@ ତାପସ


@ ତ୍ରିଲୋଚନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲା ଠାକୁରବାଡ଼ି ମହାସଂଘ ବୈଠକ

**ଧର୍ମଶାଳା,୨୩।୩(ବଟକୃଷ୍ଣ ପରିଡ଼ା):**

ଯାଜପୁର ଜିଲା ଶ୍ରୀଶ୍ରୀ ରାଧାକୃଷ୍ଣ ଜୀଉ ଠାକୁରବାଡ଼ି ମହାସଂଘର ଏକ ବୈଠକ ଜାରକାସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି କରୁଣାକର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଗାମୀ ଦୋଳ ମିଳନ ସମ୍ପର୍କରେ ଆଲୋଚନା କରାଯାଇଛି। ମିଳନଗୁଡ଼ିକରେ ଶବ୍ଦ ପ୍ରଦୂଷଣ ଖୁବ୍ ଅଧିକ ହେଉଥିବାରୁ ଏହାକୁ ନିୟନ୍ତ୍ରଣ ପାଇଁ ମିଳନକୁ ଆସୁଥିବା ସମସ୍ତ ଠାକୁରବାଡ଼ି ନିଜ ତରଫରୁ ପ୍ରଚେଷ୍ଟା କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏହାକୁ ଆହୁରି ସହଜ କରିବା ପାଇଁ ମିଳନ କମିଟିଗୁଡ଼ିକୁ ମହାସଂଘ ପକ୍ଷରୁ ଅନୁରୋଧ କରାଯାଇ ପତ୍ର ଲେଖାଯିବ ଏବଂ ଆବଶ୍ୟକ ପଡ଼ିଲେ ମହାସଂଘର ପ୍ରତିନିଧିମାନେ ଧର୍ମଶାଳା, କୁଆଖିଆ ଭଳି ବଡ଼ବଡ଼ ମେଳଣ କମିଟି ସହିତ ଆଲୋଚନା କରି ଏଦିଗରେ ପଦକ୍ଷେପ ନେବାକୁ ସେମାନଙ୍କୁ ଅନୁରୋଧ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି। ଠାକୁରବାଡ଼ିମାନଙ୍କ ମଧ୍ୟରେ ଯଦି ମିଳନଗୁଡ଼ିକରେ କୌଣସି ପ୍ରକାର ବିବାଦ କିମ୍ବା ବିଶୃଙ୍ଖଳା ଦେଖାଦିଏ ତା'ହେଲେ ଉଭୟ ପକ୍ଷ ଧୈର୍ଯ୍ୟଧରି ଘଟଣାକୁ ସମାଧାନ କରିବାକୁ ଚେଷ୍ଟା କରିବେ ଓ ଘଟଣାକୁ ମହାସଂଘର ଦୃଷ୍ଟିକୁ ଆଣିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ସବୁ ମିଳନକୁ ମହାସଂଘର ପ୍ରତିନିଧିମଣ୍ଡଳୀ ଯିବା ପାଇଁ ସ୍ଥିର ହୋଇଛି। ସର୍ବୋପରି ଠାକୁରବାଡ଼ିମାନଙ୍କ ମଧ୍ୟରେ ଭାଇଚାରା ଓ ସୁସମ୍ପର୍କ ରଖିବା ଉପରେ ସମସ୍ତ ସଦସ୍ୟ ଠାକୁରବାଡ଼ିମାନେ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସମ୍ପାଦକ ଜୟନାରାୟଣ ଶତପଥୀ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଯତୀନ୍ଦ୍ର କୁମାର ମହାନ୍ତି ଆୟବ୍ୟୟର ହିସାବ ରଖିଥିଲେ। ବୈଠକରେ ଉପସଭାପତି ଅମୂଲ୍ୟ କୁମାର ବରାଳ, ବରିଷ୍ଠ ସଦସ୍ୟ ବ୍ରଜମୋହନ ମହାନ୍ତି, ବଳରାମ ସାହୁ ଓ ସୁବାସ ରାଉତରାୟ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଧାନମଣ୍ଡଳ ରାଜଦୋଳ ମିଳନ ଉଦ୍‌ଯାପିତ


ରାଜଦୋଳ ମିଳନରେ ସାମିଲ ହୋଇଥିବା ବିମାନ।

**ବଡ଼ଚଣା,୨୩।୩(ଦିଲୀପ କୁମାର ମହାନ୍ତି):**

ଯାଜପୁର ଜିଲାର ସର୍ବପୁରାତନ ରାଜଦୋଳ ମିଳନ ମଧ୍ୟରୁ ଅନ୍ୟତମ ଧାନମଣ୍ଡଳ ରାଜଦୋଳ ମିଳନ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ନିକଟସ୍ଥ ମଠ ଓ ଗ୍ରାମରୁ ୨୦ରୁ ଊର୍ଦ୍ଧ୍ୱ ଛୋଟ ବଡ଼ ବିମାନ ଯୋଗଦେଇଥିଲେ। ବିମାନଗୁଡ଼ିକ ପାରମ୍ପରିକ ସଂକୀର୍ତ୍ତନ, ଘୋଡ଼ାନାଚ, ଷଣ୍ଢ ନାଚ ଓ ବାଜାବାଣ ରୋଷଣୀ କରି ଶୋଭାଯାତ୍ରାରେ ଆସି ଦୋଳମଣ୍ଡପରେ ବସିଥିଲେ। ପ୍ରଥମେ ଥାନାପତି ନିକଟସ୍ଥ ଦେଉଳକୁର ଗ୍ରାମର ରାହାସ ବିହାରୀ ଦେବଜୀଉଙ୍କ ବିମାନ ବସିଲା ପରେ ଅନ୍ୟ ବିମାନଗୁଡ଼ିକ ବସିଥିଲେ। ଦର୍ପଣ ତହସିଲ ପକ୍ଷରୁ ବିମାନଗୁଡ଼ିକୁ ପୂଜାର୍ଚ୍ଚନା କଲାପରେ ବିଦାକୀ ପ୍ରଦାନ କରାଯାଇଥିଲା। ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ କୈଳାସ ଚନ୍ଦ୍ର ରାଉତ, ଧାନମଣ୍ଡଳ ବଜାର କମିଟି ସଭାପତି ଦୀପକ କୁମାର ମିଶ୍ର, ଅତିରିକ୍ତ ତହସିଲଦାର ଡାଳିମଣି ଟୁଡ୍ଡୁ, ବଡ଼ଚଣା ପଞ୍ଚାୟତ ସମିତି ଉପାଧକ୍ଷ ବିଭାସ ଚନ୍ଦ୍ର ନନ୍ଦ ଓ ସୁନନ୍ଦ କୁମାର ଦାସ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ବିସ୍ଥାପିତ ପରିବାରଙ୍କ ଅନଶନ ଜାରି

- ବୀର ଭୂମିରୁ ପୁଣି ଆନ୍ଦୋଳନ ଡାକରା
- ଦାବିପୂରଣ ନ ହେଲେ ଜୋରଦାର ହେବ ଆନ୍ଦୋଳନ

**କଳିଙ୍ଗନଗର,୨୩।୩(ଶୁଭାଶିଷ ରାଉତ):**

କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥିତ ନୀଳାଚଳ ଇସ୍ପାତ ନିଗମ କାରଖାନା ସମ୍ମୁଖରେ ବିସ୍ଥାପିତ ପରିବାର ସଦସ୍ୟଙ୍କ ଆମରଣ ଅନଶନ ଜାରିରହିଛି। ଆନ୍ଦୋଳନକାରୀଙ୍କ ସହ ୨ ଥର ଆଲୋଚନା ପରେ ବି କୌଣସି ସମାଧାନର ସୂତ୍ର ବାହାରି ପାରିନାହିଁ। ବିସ୍ଥାପିତାଙ୍କ ଉତ୍ତରାଧିକାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ କାରଖାନା ସମ୍ମୁଖରେ ଧାରଣା ଦିଆଯାଇଥିଲେ ମଧ ଏଯାବତ ଆର୍‌ପିଡିଏସି ବୈଠକରେ ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ହୋଇନାହିଁ। ଏହିଆନ୍ଦୋଳନରେ ସାମିଲ ହୋଇଥିବା କଳିଙ୍ଗନଗର ଶ୍ରମିକ ସଂଘ ନେତା ବିଜୟ ମହନ୍ତ ଗତ ୭ ତାରିଖରେ ଗୁରୁତର ହୋଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣା କଳିଙ୍ଗନଗର ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଥିଲା। ଶୁକ୍ରବାର କାରଖାନା ସ୍ଥାପନାକୁ ସମର୍ଥନ ଓ ବିରୋଧୀ ଯଥା; ବିସ୍ଥାପନ ଉନ୍ନୟନ ପରିଷଦ, ବିସ୍ଥାପନ ବିରୋଧୀ ଜନ ମଞ୍ଚ, ସବୁଜ କୃଷିକ୍ଷେତ୍ର ମଞ୍ଚ ଓ ବିସ୍ଥାପିତ ଜମି ହରା କମିଟି ପକ୍ଷରୁ ବୀରଭୂମି ନିକଟରେ ଥିବା ଶହୀଦ ସ୍ତମ୍ଭ ନିକଟରୁ ପୁଣି ଆନ୍ଦୋଳନ ଡାକରା ଦିଆଯାଇଛି।

ବୀରଭୂମି ନିକଟରେ ସମସ୍ତେ ଏକାଠି ହୋଇ ପୂଜାର୍ଚ୍ଚନା କରିବା ପରେ ଏକ ପଦୁଆରରେ ଆସି ଟାଟା କାରଖାନା ସମ୍ମୁଖରୁ ବିଭିନ୍ନ ନାରା ଦେଇ ନୀଳାଚଳ କାରଖାନା ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଏକ ମିଳିତ ସଭା ହୋଇଥିଲା। ସଭାରେ ରବୀନ୍ଦ୍ର ନାଥ ଜାରିକା, ନରସିଂହ ବାନାରା, ବାବୁଲି ପୂର୍ତ୍ତି, ମହିରାମ ପୂର୍ତ୍ତି, ବିଜୟ ମହନ୍ତ, ସ୍ୱର୍ଣ୍ଣଲତା ବାନାରା, ତୁରାମ ପୂର୍ତ୍ତି, ଗିରିଶ ମହାନ୍ତ, ଶମ୍ଭୁ ନାଥ ମହାନ୍ତ, ଲାଦୁରା ହେମ୍ବ୍ରମ, କ୍ଷୀରୋଦ ଜେନା, ଗୀତାଞ୍ଜଳି ମହାନ୍ତ, ଝରଣା ମହାନ୍ତ, ହରିଶ ହଇବ୍ରୁରୁ, ଚକ୍ରଧର ଆଲଦା ଓ ଶ୍ରମିକ ନେତା ସୁଧାଂଶୁ ଶେଖର ସାହୁ ପ୍ରମୁଖ ଯୋଗଦେଇ ଶୀଘ୍ର ଆନ୍ଦୋଳନକାରୀଙ୍କ ଦାବି ସମାଧାନ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଥିଲେ।

## ଫେରାର ଅଭିଯୁକ୍ତ ଗିରଫ

**ବାଲିକୁଦା,(ତାପସ ସ୍ୱାଇଁ):** ବାଲିକୁଦା ଥାନା ଅନ୍ତର୍ଗତ ବାଲିସାହି ଗ୍ରାମରୁ ଜଣେ ଫେରାର ଅଭିଯୁକ୍ତଙ୍କୁ ଶୁକ୍ରବାର ରାତିରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବିଷ୍ଣୁ ପ୍ରସାଦ ବିଶ୍ୱାଳ (ଲିପୁ)। ଜଗତ୍‌ସିଂହପୁର ଏସ୍‌ଡିଜେଏମ କୋର୍ଟରେ ଲିପୁଙ୍କ ନାମରେ ୩ଟି ମାମଲା ରହିଛି। ମାତ୍ର ସେ କିଛି ଦିନ ହେବ କୋର୍ଟକୁ ଫାଙ୍କି ଫେରାର ହୋଇ ବୁଲୁଥିଲେ। ଏନେଇ କୋର୍ଟ ତାଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ।

## ସଂକ୍ଷେପରେ

### ପିସିସି ସାଧାରଣ ସମ୍ପାଦକ ହେଲେ ନିରଞ୍ଜନ

ଜଗତ୍‌ସିଂହପୁର,୨୩।୩ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ନାଉଗାଁ ଅଞ୍ଚଳର ଯୁବନେତା ତଥା ଆଇନଜୀବୀ ନିରଞ୍ଜନ ନାୟକ ପ୍ରଦେଶ କଂଗ୍ରେସ କମିଟି (ପିସିସି)



ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ସେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସଭାପତି ମଲିକାର୍ଜୁନ ଖାଡ୍‌ଗେ, ପୂର୍ବତନ ଏଆଇସିସି ସଭାପତି ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ରାଷ୍ଟ୍ରୀୟ ସାଙ୍ଗଠନିକ ସମ୍ପାଦକ କେ.ସି. ଭେନୁଗୋପାଳ, ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଓ ଜିଲା କଂଗ୍ରେସ ସଭାପତି ନଟବର ବାରିକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ପ୍ରକାଶଥାଉ କି ନାୟକ ପାରାଦୀପ ବିଧାନସଭା ଆସନରୁ କଂଗ୍ରେସ ଟିକେଟ ପାଇଁ ଆଶାୟୀ ଅଛନ୍ତି। ଅତୀତରେ ସେ ଛାତ୍ର କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ, ରାଜ୍ୟ ଉପସଭାପତି, ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ, ରାଜ୍ୟ ଉପସଭାପତି ପଦ ଦାୟିତ୍ୱର ସହ ତୁଲାଇଥିଲେ।

### ଚୋରା ମଦ ଜବତ: ୩ ଗିରଫ

ନାଉଗାଁ/ବାଲିକୁଦା,୨୩।୩ (ସୁଧା ବେହୁରା/ତାପସ ସ୍ୱାଇଁ)

ନାଉଗାଁ ଓ ବାଲିକୁଦା ପୋଲିସ ପକ୍ଷରୁ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୮.୬ ଲିଟର ଚୋରା ମଦ ଜବତ କରାଯାଇଛି। ଏହି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। ନାଉଗାଁ ଥାନା ଅନ୍ତର୍ଗତ ମୁଗେଇ ଛକ ନିକଟରେ ପୋଲିସ ପକ୍ଷରୁ ସନ୍ଧ୍ୟାରେ ଚଢ଼ାଉ କରାଯାଇ ଚୋରା ମଦ ଜବତ କରାଯାଇଛି। ଏହି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଗଜରାଜପୁର ପଞ୍ଚାୟତ ଅନ୍ତର୍ଗତ ଦେବୀଦୋଳ ଗ୍ରାମର ଚିତ୍ତରଞ୍ଜନ ପାଢ଼ୀ ଓ ପ୍ରଦୀପ୍ତ ସ୍ୱାଇଁ। ଉଭୟଙ୍କଠାରୁ ୩.୬ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଚିତ୍ତରଞ୍ଜନଙ୍କୁ ଡିଲର ବୋଲି କୁହାଯାଉଥିବା ବେଳେ ପ୍ରଦୀପ୍ତ ସହଯୋଗୀ ବୋଲି ସନ୍ଦେହ କରାଯାଉଛି। ଏସ୍‌ଆଇ ସରସ୍ୱତୀ ସେଠୀଙ୍କ ଅଭିଯୋଗ ମୁତାବକ, ମୁଗେଇ ଛକ ନିକଟରେ ସନ୍ଧ୍ୟାରେ ପାଟ୍ରୋଲିଂବେଳେ ଅଭିଯୁକ୍ତ ଦ୍ୱୟ ମଦ ବିକ୍ରି କରିବାକୁ ନେଉଥିବା ସୂଚନା ମିଳିଥିଲା। ଏହାପରେ ଚଢ଼ାଉ କରାଯାଇଥିଲା। ଏନେଇ ଥାନାରେ ମାମଲା (ନଂ. ୭୬/୨୪) ରୁଜୁ କରାଯାଇଛି। ସେହିପରି ବାଲିକୁଦା ପୋଲିସ ପକ୍ଷରୁ ଶୁକ୍ରବାର ରାତିରେ ସ୍ଥାନୀୟ ଗୋପାଳପୁର ବଜାରରୁ ୫ଲିଟର ଚୋରା ଦେଶୀ ମଦ ଜବତ କରାଯାଇଛି। ଏହି ଅଭିଯୋଗରେ ଗୋପାଳପୁର ଗ୍ରାମର ମନୋଜ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ମନୋଜ କିଛି ଦିନ ହେବ ଚୋରା ମଦ କାରବାର କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଶୁକ୍ରବାର ରାତିରେ ଏସ୍‌ଆଇ ବ୍ରହ୍ମାନନ୍ଦ ପଣ୍ଡା ଏକ ଟିମ୍ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗୋପାଳପୁର ଛକରେ ମନୋଜ ଏକ ପଲିଥିନ୍ ବ୍ୟାଗରେ ୨୫ ବୋତଲ ଆସ୍କା ଫର୍ଟି ଦେଶୀ ମଦ ବିକ୍ରି କରିବା ପାଇଁ ନେଉଥିବାବେଳେ ପୋଲିସ ଧରିଥିଲା। ଏନେଇ ବାଲିକୁଦା ଥାନାରେ ମାମଲା (ନଂ. ୧୧୪/୨୪) ରୁଜୁ କରାଯାଇଛି।

# ମେଡିକାଲ କଲେଜ ପ୍ରତିଷ୍ଠା ପ୍ରତିଶ୍ରୁତି

## ଜଗତ୍‌ସିଂହପୁରରେ କଂଗ୍ରେସର ୧୦ ଦଫା ଗ୍ୟାରେଣ୍ଟି କାର୍ଡ ଉନ୍ମୋଚନ

ଜଗତ୍‌ସିଂହପୁର, ୨୩।୩ (ପ୍ରମୋଦ କୁମାର ନାୟକ)



କଂଗ୍ରେସ ନେତୃମଣ୍ଡଳୀ ପକ୍ଷରୁ ସାଧାରଣ ନିର୍ବାଚନ ପାଇଁ ଇସ୍ତାହାର ସ୍ୱରୂପ ୧୦ ଦଫା ଗ୍ୟାରେଣ୍ଟି କାର୍ଡ ଉନ୍ମୋଚନ କରାଯାଉଛି।

୨୦୨୪ ସାଧାରଣ ନିର୍ବାଚନ ନେଇ ସୂଚୀ ବୃତ୍ତାନ୍ତ ସହ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଗଲାଣି। ଏବେ ରାଜ୍ୟର ପ୍ରମୁଖ ରାଜନୈତିକ ଦଳ ଯଥା ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ନିର୍ବାଚନୀ ଇସ୍ତାହାର ପ୍ରକାଶ କରିବେ। ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ରାଜ୍ୟବାସୀଙ୍କ ପାଇଁ ପ୍ରଥମେ ଇସ୍ତାହାର ସ୍ୱରୂପ ୧୦ ଦଫା ଗ୍ୟାରେଣ୍ଟି କାର୍ଡ ପ୍ରକାଶ କରିଛି। ଶନିବାର ଜିଲାବାସୀଙ୍କ ପାଇଁ ଏହି କାର୍ଡ ଦଳ ଜିଲା ସଭାପତି ନଟବର ବାରିକ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି। ଏନେଇ ସ୍ଥାନୀୟ ଏକ ମଣ୍ଡପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀର ବାରିକ ପୌରୋହିତ୍ୟ କରି ରାଜ୍ୟ ସମେତ ଜିଲାର ୨ଟି ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ସେ କହିଥିଲେ, କଂଗ୍ରେସ ସରକାର କଲେ ୧୦ ଗ୍ୟାରେଣ୍ଟି ବାଦ୍ ଜିଲାର ପୁରାତନ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂଶାସିତ କଲେଜକୁ ସରକାରୀ ମାନ୍ୟତା ଏବଂ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ସେ ଏକଥା ମଧ୍ୟ କହିଥିଲେ, କଂଗ୍ରେସ କୃଷକ ବନ୍ଧୁ ଯୋଜନାରେ ଚାଷୀଙ୍କୁ ବୋନସ ଦେବ। ଏଥିସହ ଧାନର କୁଇଣ୍ଟାଲ ପ୍ରତି କ୍ରୟ ମୂଲ୍ୟ ୩ ହଜାର ଟଙ୍କା ଧାର୍ଯ୍ୟ କରିବ। କୃଷକମାନଙ୍କ ପାଇଁ ମାସିକ ୨ ହଜାର ଟଙ୍କା ପେନ୍‌ସନ୍ ଓ କୃଷି ଋଣ ମଧ୍ୟ ଛାଡ କରିବାକୁ ନିଷ୍ପତ୍ତି ନେଇଛି। ସେହିପରି ଗୃହ ଜ୍ୟୋତି ଯୋଜନାରେ ରାଜ୍ୟର ପ୍ରତ୍ୟେକ ଘରୋଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ୨୦୦ ୟୁନିଟ୍ ବିଜୁଳି ଦେୟ ଛାଡ଼ କରିବ। ଯୁବବିକାଶ ଯୋଜନାରେ ରାଜ୍ୟର ୫ ଲକ୍ଷ ଯୁବତୀ ଯୁବକଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା ସହ ମାସିକ ୩ ହଜାର ଟଙ୍କା ବେକାରି ଭତ୍ତା ଦେବ। ଗୃହଲକ୍ଷ୍ମୀ ଯୋଜନାରେ ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବ୍ୟାଙ୍କ ଋଣ ଛାଡ, ଏହି ଯୋଜନାରେ ପ୍ରତ୍ୟେକ ଘରର ମୁଖ୍ୟ (ମହିଳା)ଙ୍କୁ ମାସିକ ୨ ହଜାର ଟଙ୍କା ଭତ୍ତା ଦେବା ବ୍ୟବସ୍ଥା କରିବ। ଆଦିବାସୀ-ଦଳିତ ମହିଳାଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା ଦେବ। ପ୍ରତି ପରିବାରକୁ ମାସିକ ୫୦୦ ଟଙ୍କାରେ ଗୋଟିଏ ଗ୍ୟାସ ସିଲିଣ୍ଡର ଯୋଗାଇବ। ଅନ୍ୟପଟେ ସରକାରୀ କର୍ମଚାରୀଙ୍କ ସମେତ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ବାବଦରେ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ମାଗଣା ଚିକିତ୍ସା ବ୍ୟବସ୍ଥା କରାଯିବ। ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ବାବଦରେ ଜଣକା ମାସିକ ୨ ହଜାର ଟଙ୍କା ଦିଆଯିବ। ରାଜ୍ୟରେ ଜାତିଭିତ୍ତିକ-ସାମାଜିକ ଓ ଆର୍ଥିକ ସର୍ଭେ ପୂର୍ବରୁ ତୁରନ୍ତ ଶିକ୍ଷାନୁଷ୍ଠାନ ଓ ଚାକିରି କ୍ଷେତ୍ରରେ ପଛୁଆ ବର୍ଗ ପାଇଁ ୨୭% ସ୍ଥାନ ସଂରକ୍ଷଣ ହେବ। ଆଦିବାସୀ ଓ ଦଳିତ ବର୍ଗଙ୍କ ନିଜ ଜମି ଓ ଜଙ୍ଗଲ ଜମି ଉପରେ ପୂର୍ଣ୍ଣ ଅଧିକାର ଓ ଚିଟ୍‌ଫଣ୍ଡ ଦ୍ୱାରା ପ୍ରଭାବିତ ଜମାକାରୀଙ୍କୁ ୬ ମାସ ମଧ୍ୟରେ ସୁଧ ସହ ଜମାରାଶି ଫେରସ୍ତ ବ୍ୟବସ୍ଥା ହେବ। ଏଥିସହ ୧୦୦ ଦିନ ମଧ୍ୟରେ ପେସା ଆଇନକୁ କଡ଼ାକଡ଼ି ଲାଗୁ କରାଯିବ ବୋଲି ବାରିକ ସୂଚନା ଦେଇଛନ୍ତି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ତଥା ପର୍ଯ୍ୟବେକ୍ଷକ ପ୍ରତିମା ମଲ୍ଲିକ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ତଥା ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଜିଲା କଂଗ୍ରେସ ମୁଖପାତ୍ର ହେମନ୍ତ ରଥ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରିୟମ୍ବଦା ପାଣି, ଜିଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ ମଲ୍ଲିକ, ଜିଲା ସଂଖ୍ୟାଲଘୁ ବିଭାଗ ସଭାପତି ଇମତିଆଜ ଅହମ୍ମଦ ଖାଁ, କଂଗ୍ରେସ ସେବା ଦଳ ଅଧ୍ୟକ୍ଷ ଡ. ଜଗଦାନନ୍ଦ ବେହେରା, ଜିଲା କଂଗ୍ରେସ ଉପସଭାପତି ସର୍ବେଶ୍ୱର ପଣ୍ଡା, ଜିଲା କଂଗ୍ରେସ ଉପସଭାପତି ମହନୀ ଚରଣ ରାଉତ, ନଗର କଂଗ୍ରେସ ସଭାପତି ଅଭୟ ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ଅଦ୍ୱୈତ କୁମାର ଜେନା, ନଗର ମହିଳା କଂଗ୍ରେସ ସଭାପତି ମାନସୀ ନନ୍ଦ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଜିଲା ଯୁବ କଂଗ୍ରେସ ଉପସଭାପତି ଲିପୁ ମହାନ୍ତି, କଂଗ୍ରେସ ନେତା ମାନସ ରଥ, ଅବନୀକାନ୍ତ ମହାରଣା, ସୁଦର୍ଶନ ବେହେରା, ଶେଖ ସାମସୁଦ୍ଦିନ, ଅନନ୍ତ ନାରାୟଣ ମିଶ୍ର ଓ ରାଜକିଶୋର ନାଥ ପ୍ରମୁଖ ଉପସ୍ଥିତ ଥିଲେ।



ପାରାଦୀପର ଜୟଦେବ ଭବନରେ ଚାଲିଥିବା ଜାତୀୟ ନାଟକ ମହୋତ୍ସବର ଶନିବାର ସନ୍ଧ୍ୟାରେ ନାଟକ 'ଭାବ ନୁ ଅଭାବ'ର ଏକ ଦୃଶ୍ୟ।

### ଜାତୀୟ ନାଟକ ମହୋତ୍ସବ

## ସମ୍ବଲପୁରୀ ନାଟକ 'ଭାବ ନୁ ଅଭାବ'ରେ ଜଞ୍ଜାଳର ଚିତ୍ର

ପାରାଦୀପ,୨୩।୩ (ଶରତ ରାଉତ)

ପାରାଦୀପର ଜୟଦେବ ଭବନରେ ଚାଲିଥିବା ଜାତୀୟ ନାଟକ ମହୋତ୍ସବ ଶନିବାର ସନ୍ଧ୍ୟାରେ ସମ୍ବଲପୁରୀ 'ନାଟକ ଭାବ ନୁ ଅଭାବ' ମଞ୍ଚସ୍ଥ ହୋଇଛି। ସମ୍ବଲପୁର ଅଦୃଶ୍ୟ ନାଟ୍ୟ ଆଶ୍ରମ ଦ୍ୱାରା ପ୍ରଯୋଜିତ ଏବଂ ଆତିଶ କୁମାର ଶତପଥୀଙ୍କ ନିର୍ଦ୍ଦେଶିତ ଏହି ସମ୍ବଲପୁରୀ ଭାଷାର ନାଟକରେ ହୃଦୟସ୍ପର୍ଶୀ ଘଟଣା ଥିଲା। ଆର୍ଥିକ ଅନଟନ ମଧ୍ୟରେ ଗତି କରୁଥିବା ପରିବାର ମଧ୍ୟରେ ବାପ ଓ ପୁଅ କିପରି ହନ୍ତସନ୍ତ ହେଉଛନ୍ତି ତାକୁ କଳାକାରମାନେ ନିଖୁଣ ଭାବେ ଦର୍ଶାଇଥିଲେ।

# ଶୋଷଣର ଶିକାର ହେଉଛନ୍ତି ଉପଭୋକ୍ତା

## ଉପଭୋକ୍ତା ସୁରକ୍ଷା ପରିଷଦର ଅଭିଯୋଗ

ଜଗତ୍‌ସିଂହପୁର, ୨୩।୩ (ପ୍ରମୋଦ କୁମାର ନାୟକ)

ଖାଉଟି ସାମଗ୍ରୀ କିଣିବା ସମୟରୁ ଆରମ୍ଭ କରି ବସ୍‌ରେ ଯାତ୍ରା ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଶୋଷଣର ଶିକାର ହେଉଛି। ଦ୍ରବ୍ୟ କିଣିଲା ପରେ ବିଲ୍, ଭାଉଚର କି ରସିଦ୍ ମିଳୁନାହିଁ। ବସ୍‌ରେ ମଧ୍ୟ ଟିକେଟ୍ ମିଳିବା ସମ୍ଭବ ହେଉନି। ଏପରି କି ଜଗତ୍‌ସିଂହପୁର ଜିଲା ମୁଖ୍ୟାଳୟରେ ମଧ୍ୟ ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି। ହୋଟେଲ, ଜଳଖିଆ ଦୋକାନ, ତେଜେରାତି, ଷ୍ଟେସନାରି, ଲୁଗା ଓ କପଡ଼ା ଦୋକାନ ଆଦିରେ ରସିଦ ମାଗିଲେ ମିଳୁନି। ଏହାଉପରେ ଲୋକେ ଆପତ୍ତି ଅଭିଯୋଗ କରିବା ସହ ତତ୍କାଳ ନ୍ୟାୟ ପାଇବା ପାଇଁ କେଉଁଠିକୁ ଯିବେ ତାହା ଜାଣିପାରୁ ନାହାନ୍ତି ବୋଲି ଉପଭୋକ୍ତା ସୁରକ୍ଷା ଅଭିଯାନ ପକ୍ଷରୁ ଅଭିଯୋଗ କରାଯାଇଛି। ଅଭିଯାନ ସମ୍ପାଦକ ଗୋବିନ୍ଦ ଓଝା ଏନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଖାଉଟି ସୁରକ୍ଷା ନେଇ ସରକାରୀସ୍ତରରେ ବ୍ୟାପକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ସେ କହିଛନ୍ତି, ଦୋକାନଗୁଡ଼ିକରୁ ସାମଗ୍ରୀ କିଣିଲେ ମୂଲ୍ୟ ଦର୍ଶାଯାଉନାହିଁ କି ରସିଦ ଦିଆଯାଉନାହିଁ। ବସ୍‌ରେ ମଧ୍ୟ ଭଡା କାର୍ଟ ଲଗାଯାଉନାହିଁ। ବଜାରରେ ମିଳୁଥିବା କେତୋଟି ଖାଦ୍ୟ ସାମଗ୍ରୀ ଯଥା ପାଉଁରୁଟି, ହଳଦୀ ଓ ଛତୁଆ ଆଦି ପ୍ୟାକେଟରେ ପ୍ରସ୍ତୁତି ଓ ବ୍ୟବହାର ଯୋଗ୍ୟ ତାରିଖ ସମ୍ପର୍କିତ ସୂଚନା ଉଲ୍ଲେଖ ରହୁନାହିଁ। ଫଳରେ ମୁନାଫାଖୋର ବ୍ୟବସାୟୀମାନେ ଟିକସ ଫାଙ୍କିବା ସହ ମନଇଚ୍ଛା ସାଧାରଣ ଉପଭୋକ୍ତାଙ୍କୁ ଠକିବା ପାଇଁ ସୁଯୋଗ ପାଉଛନ୍ତି। ସରକାର ଏ ବାବଦରେ କ୍ଷତିଗ୍ରସ୍ତ ହେଉଥିଲେ ସୁଦ୍ଧା ସରକାରୀ କର୍ମଚାରୀ ଦାୟିତ୍ୱବାନ ହେଉନାହାନ୍ତି। ତେଣୁ ସମାଧାନ ପାଇଁ ଅନ୍ତତଃ ଜିଲା ସଦର ମହକୁମାରେ ଉଦାହରଣ ସୃଷ୍ଟି କଲାଭଳି ଚଢ଼ାଉ ହେବା ଜରୁରୀ ବୋଲି ଓଝା ଦାବି କରିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାଦଲ



@ ସିପୁନ୍



@ ସୁମନ



@ ତାପସ



@ ତ୍ରିଲୋଚନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଂଗ୍ରେସ ଆଣିବ ସୁଖୀ ଓଡ଼ିଶା ସମୃଦ୍ଧ ଓଡ଼ିଶା

କେନ୍ଦ୍ରାପଡ଼ା,୨୩।୩ (ଜଗନ୍ନାଥ ଧଳ)

ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ସରିଛି । ଏହି ଅବସରରେ ଜିଲା କଂଗ୍ରେସ ପକ୍ଷରୁ ଦଳୀୟ ପ୍ରତିଶ୍ରୁତିକୁ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛି। ସୁଖୀ ଓଡ଼ିଶା ସମୃଦ୍ଧ ଓଡ଼ିଶା ଆଣିବାକୁ ପ୍ରତିଶ୍ରୁତି ଦେଇଥିବା ଏହି ସମ୍ମିଳନୀ ସହରର କଜଳାସ୍ଥିତ କଂଗ୍ରେସ ଭବନରେ ଶନିବାର ଆୟୋଜିତ ହୋଇଥିଲା । ଜିଲା ସଭାପତି ଲୋକନାଥ ମହାପାତ୍ର, ବରିଷ୍ଠ ନେତା ଗଣେଶ୍ୱର ବେହେରା, ଦେବେନ୍ଦ୍ର ଶର୍ମା, ରତିକାନ୍ତ କାନୁନଗୋ, ଇଂ.ସିଦ୍ଧାନ୍ତ ଶଙ୍କର ଦାସ ଏଥିରେ ସାମିଲ ହୋଇଥିଲେ। ସେମାନେ କହିଥିଲେ ଯେ ନୂଆ ଓଡ଼ିଶା ଗଠନ ପାଇଁ କଂଗ୍ରେସ ସଙ୍କଳ୍ପ ନେଇଛି । ରାଜ୍ୟର ଉନ୍ନତି ସହିତ ସମସ୍ତଙ୍କୁ ନ୍ୟାୟ ଓ ଅଧିକାର କଂଗ୍ରେସ ସରକାର ଦେବ। ଆସନ୍ତା ସାଧାରଣ ନିର୍ବାଚନରେ ଦଳ ବିଜୟୀ ହେଲେ ଘରୋଇ ଉପଭୋକ୍ତାଙ୍କ ପାଇଁ ଗୃହଜ୍ୟୋତି ଯୋଜନାରେ ୨୦୦ ୟୁନିଟ ବିଦ୍ୟୁତ ଦେୟ ଛାଡ ହେବ । ୫ ଲକ୍ଷ ଯୁବବର୍ଗଙ୍କୁ କର୍ମ ନିଯୁକ୍ତି ମିଳିବ । କର୍ମ ନିଯୁକ୍ତି ମିଳି ନ ଥିବା ଯୁବବର୍ଗଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା ଦିଆଯିବ । ସେହିପରି କୃଷକ ବନ୍ଧୁ ଯୋଜନାରେ ଧାନର ଏମ୍‌ଏସ୍‌ପି ୩ ହଜାର ଟଙ୍କା, କୃଷି ଋଣ ଛାଡ, ୨ ହଜାର ଟଙ୍କାର ପେନସନ ବ୍ୟବସ୍ଥା ହେବ । ସେହିପରି ମହିଳା ପାଇଁ ଗୃହଲକ୍ଷ୍ମୀ ଯୋଜନା ପ୍ରଚଳନ କରାଯିବ । ଏହି ଯୋଜନାରେ ଏଏସ୍‌ଜିଙ୍କ ବ୍ୟାଙ୍କ ଋଣ ଛାଡ, ମାସିକ ଭତ୍ତା ୨ ଓ ୩ ହଜାର ଟଙ୍କା ସହ ୫୦୦ ଟଙ୍କାରେ ଗ୍ୟାସ୍ ସିଲିଣ୍ଡର ମିଳିବ । ଜନ କଲ୍ୟାଣ ପାଇଁ ମାଗଣା ଚିକିତ୍ସା ବ୍ୟବସ୍ଥା ୨୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା, ପ୍ରତ୍ୟେକ ଭତ୍ତା ହିତାଧିକାରୀଙ୍କୁ ୨ ହଜାର ଟଙ୍କାର ଭତ୍ତା, ଚିଟ୍‌ଫଣ୍ଡରେ ପ୍ରଭାବିତ ଜମାକାରୀଙ୍କୁ ୬ ମାସ ମଧ୍ୟରେ ସୁଧ ସହ ଜମାରାଶି ଫେରସ୍ତ, ପଛୁଆ ବର୍ଗଙ୍କ ପାଇଁ ଶିକ୍ଷା ଓ ଚାକିରୀ କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ, ଆଦିବାସୀ ଓ ଦଳିତଙ୍କୁ ଜମି ପଟ୍ଟା, ୧୦୦ ଦିନ ମଧ୍ୟରେ ପେସା ଆଇନକୁ କଡାକଡି କରାଯିବ ବୋଲି ସେମାନେ ଏଠାରେ ସୂଚନା ଦେଇଛନ୍ତି । ଏହି ସମ୍ମିଳନୀରେ ବରିଷ୍ଠ ନେତା ଚିନ୍ମୟ ପ୍ରସାଦ ବେଉରା, ପ୍ରଫୁଲ୍ଲ ଦାସ ପ୍ରମୁଖ ସାମିଲ ହୋଇଥିଲେ ।



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବର୍ଗ।

## ଲୁଣା ଜଙ୍ଗଲର ସୁରକ୍ଷା ପାଇଁ ବନପାଳ ପୁରସ୍କୃତ

ମହାକାଳପଡ଼ା,୨୩।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ରେଞ୍ଜ କାର୍ଯ୍ୟାଳୟ ବତୀଘର ବନପାଳ ସତ୍ୟଜିତ୍ ପାଣି ନିଜର ନିଷ୍ଠା,କର୍ତ୍ତବ୍ୟ ପାଇଁ ବିଶ୍ୱ ବନ ଦିବସରେ ରାଜ୍ୟସ୍ତରୀୟ ପୁରସ୍କାର ପାଇଛନ୍ତି। ନଦୀ ନାଳ ଘେରା ମହାକାଳପଡ଼ା ବ୍ଲକର ବତୀଘର, ହେଟା ମୁଣ୍ଡିଆ, ସରାଳିକୁଦ, ଯୋଗୀଧାନକୁଦ ଆଦି ଅଞ୍ଚଳରେ ବେଆଇନ ଭାବେ ୮ ଶହ ହେକ୍ଟର ଜବରଦଖଲ ଜଙ୍ଗଲ ଜମି ଉଚ୍ଛେଦ କରାଯାଇ ଲୁଣା ହେନ୍ତାଳ ଜଙ୍ଗଲ ସୃଷ୍ଟି କରାଯାଇଛି। ଉଚ୍ଛେଦ ହୋଇ ଥିବା ଜମିରେ ବନି, ସୁନ୍ଦରୀ, ଗରାଣି, କାଳିଆ ଚୂଆଁ, ସିନ୍ଧୁକା, ରାଇ, ଗୁଁଆ ଆଦି ଚାରା ରୋପଣ କରାଯିବା, ପ୍ରତିଦିନ ନଦୀ ପଥରେ ଯାଇ ଚାରାଗୁଡିକକୁ ଯତ୍ନ ନେବା ସହ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ବନପାଳ ପାଣି ଅଣ୍ଟା ଭିଡ଼ିଥିଲେ। ଗୁରୁବାର ଭୁବନେଶ୍ୱରସ୍ଥିତ ସୂଚନା ଭବନଠାରେ ତାଙ୍କୁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କଳସପୁର ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ



ମିଶ୍ରଣ ପର୍ବରେ ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ସହ ବିଜେଡିରେ ଯୋଗଦେଇଥିବା କଂଗ୍ରେସ ଓ ଭାଜପା କର୍ମୀ।

ଆଳି,୨୩।୩ (ବନମାଳୀ ସେନାପତି)

ଆଳି ବ୍ଲକ କଳସପୁର ପଞ୍ଚାୟତରେ ବିଜେଡିର ଏକ ମିଶ୍ରଣ ପର୍ବ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । କଳସପୁର ସରପଞ୍ଚ ସୁଧୀର ମଲିକ ଓ ସମିତି ସଭ୍ୟ ବିକାଶ ଜେନାଙ୍କ ନେତୃତ୍ୱରେ ପଞ୍ଚାୟତର ୪୦ ପରିବାର ବିଜେଡିରେ ଯୋଗ ଦେଇଛନ୍ତି । ଦଶରଥ ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ୨ ନମ୍ବର ଜୋନର ଜିଲା ପରିଷଦ ସଦସ୍ୟ ଭୀଷ୍ମ ମହାନ୍ତି, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସହିତ ଆଳିର ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଦେବଙ୍କ କାର୍ଯ୍ୟଶୈଳୀ ପ୍ରତି ଆକୃଷ୍ଟ ହୋଇ କଳସପୁର ପଞ୍ଚାୟତର କଂଗ୍ରେସ ସଙ୍ଗଠକ ଅଶୋକ ଜେନା,ନଟବର ଜେନା, ବାରେଣୀ ମଲିକ, ସମୀର ମଲିକ ପ୍ରମୁଖଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ପରିବାର କଂଗ୍ରେସ ଓ ଭାଜପା ପରିତ୍ୟାଗ କରି ବିଜେଡିରେ ଯୋଗ ଦେଇଥିଲେ। ଏହି ମିଶ୍ରଣ ପର୍ବକୁ ସତ୍ୟବ୍ରତ ନନ୍ଦ, ପରମେଶ୍ୱର ମଲିକ, ମାନଗୋବିନ୍ଦ ଦାସ, ବଳରାମ ମଲିକ, ନିତ୍ୟାନନ୍ଦ ମଲିକ ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଦୋଳପର୍ବ ପାଇଁ ଖଣ୍ଡପଡ଼ା ଉତ୍ସବମୁଖର

ଖଣ୍ଡପଡ଼ା,୨୩।୩ (ଅଜୟ କୁମାର ମହାରଣା)

ପବିତ୍ର ଦୋଳ ପର୍ବ ପାଇଁ ଖଣ୍ଡପଡ଼ାର ପୁରପଲ୍ଲୀ ଉତ୍ସବମୁଖର ହୋଇ ଉଠିଛି। ପ୍ରତ୍ୟେକ ଗ୍ରାମରେ ଆରାଧ୍ୟ ଦେବଙ୍କ ଚଳନ୍ତି ପ୍ରତିମାକୁ ବିମାନ ଯୋଗେ ଗ୍ରାମ ପରିକ୍ରମା କରିବା ଅବସରରେ ପ୍ରତ୍ୟେକ ବ୍ୟକ୍ତି ଘର ଆଗରେ ବିଗ୍ରହଙ୍କୁ ଭୋଗ ଲାଗି କରାଯାଉଛି। ଆବହମାନ କାଳରୁ ଦୋଳ ବିମାନରେ ବିଗ୍ରହମାନଙ୍କ ଗ୍ରାମ ପରିକ୍ରମା ପ୍ରଚଳିତ ହୋଇ ଆସୁଛି। ବିଭିନ୍ନ ସ୍ଥାନରେ ଗୋପାଳ ସମାଜ ପକ୍ଷରୁ ଲଉଡି ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଖଣ୍ଡପଡ଼ା ବ୍ଲକ ଅଧୀନ ବସନ୍ତପୁରରେ ତିନିଦୋଳ ଯାତ୍ରା, ବନମାଳୀପୁରରେ ପଞ୍ଚୁଦୋଳ ଯାତ୍ରା ଓ ଖଳିସାହି ଗ୍ରାମରେ ଦଶଦୋଳ ଯାତ୍ରା ନିମନ୍ତେ ଯାତ୍ରା କମିଟି ପକ୍ଷରୁ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗାଁରେ ଦୋଳ ପର୍ବ ଯୋଗୁ ସବୁଠି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ସବୁଠି ଆନନ୍ଦ ଉଲ୍ଲାସର ସହ ଦୋଳ ପର୍ବ ପାଳିତ ହେଉଛି।

### ବାଳୀବଧ, ସୀତାଠାବ ଶୀର୍ଷକ ପ୍ରବଚନ ପ୍ରଦାନ

ଖଣ୍ଡପଡ଼ା,୨୩।୩(ଅଜୟ କୁମାର ମହାରଣା)

ବିଶ୍ୱର କଲ୍ୟାଣ ଆଧ୍ୟାତ୍ମିକ ଚେତନାର ବିକାଶ କଳ୍ପେ ୯ଦିନ ବ୍ୟାପୀ ୩୯ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମର ଶନିବାର ଷଷ୍ଠ ଦିବସରେ ବାଳୀବଧ, ସୀତାଠାବ, ଲଙ୍କାପୋଡ଼ି ପ୍ରସଙ୍ଗ ଉପରେ ପ୍ରବଚନ ପ୍ରଦାନ କରାଯାଇଥିଲା । ଖଣ୍ଡପଡ଼ା ହନୁମାନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଖଣ୍ଡପଡ଼ା ପଶ୍ଚିମ ମୁଖା ମହାବୀର ପୀଠ(ମୁକ୍ତିତୀର୍ଥ)ରେ ଅନୁଷ୍ଠିତ ହେଉଥିବା ୬ଦିନର ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ଅନେକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । କାର୍ଯ୍ୟକ୍ରମକୁ ହନୁମାନ ମନ୍ଦିର ପରିଚାଳନା କମିଟିର ସଭାପତି କାଶୀନାଥ ଦାସ, ସମ୍ପାଦକ ବିଜୟ କୁମାର ରାଉତଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ ।

### ଚାଉପଲ୍ଲୀ ମଦନମୋହନଙ୍କ ବାର୍ଷିକ ମହୋତ୍ସବ

ଖଣ୍ଡପଡ଼ା,୨୩।୩(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ମର୍ଦ୍ଦରାଜପୁର ପଞ୍ଚାୟତ ଚାଉପଲ୍ଲୀ ଗ୍ରାମର ମଦନ ମୋହନ ଓ ରାଧାରାଣୀଙ୍କ ୩ୟ ବାର୍ଷିକ ଉତ୍ସବ ୪ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପଞ୍ଚାୟତନ, ବରଣ ଓ ସୂର୍ଯ୍ୟପୂଜା ଅନୁଷ୍ଠିତ ହୋଇଥିଲା । ପରେ ପ୍ରବକ୍ତା ତୋଷଣ ମାଧବ ଦାସଙ୍କ ଦ୍ୱାରା ଭାଗବତ କଥାମୃତ ପ୍ରଦାନ କରାଯାଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ସନ୍ଧ୍ୟାରେ ଗ୍ରାମ ସଭାପତି ରବିନ୍ଦ୍ର ବିଶୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।। କବିରାଜ ବେହେରା ସଂଯୋଜନା କରିଥିଲେ । ପରେ ପୌରାଣିକ ଗୀତିନାଟ୍ୟ କାନ୍ଦୁଛି ମଥୁରା ହସେ ଦ୍ୱାରିକା ମଞ୍ଚସ୍ଥ କରାଯାଇଥିଲା । ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ବହୁ ଦର୍ଶକ ଉପଭୋଗ କରିଥିଲେ ।

### ଶହୀଦ ଦିବସରେ ରକ୍ତଦାନ ଶିବିର

ନୟାଗଡ଼,୨୩।୩(ଲୋକନାଥ ମିଶ୍ର)

ଶହୀଦ ଭଗତ ସିଂଙ୍କର ୯୩ତମ ବଳିଦାନ ଦିବସ ଗୋଡିପଡ଼ାଠାରେ ଶନିବାର ଅନୁଷ୍ଠିତ ହୋଇ ଯାଇଛି । ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେଶନ ଓ ମହାଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଶହୀଦ ଦିବସରେ ରକ୍ତଦାନ ଶିବିର କରାଯାଇଛି । ଏଥିରେ ୨୨ ୟୁନିଟ ରକ୍ତ ସଂଗୃହିତ ହୋଇଛି। ସାମାଜିକ କର୍ମୀ ସନ୍ତୋଷ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସମାଜିକ କର୍ମୀ ଦାମୋଦର ସାହୁ, ଗୋଲକ ବିହାରୀ ମୁଦୁଲି, ପବିତ୍ର ଇନ୍ଦ୍ରଜିତ୍, ବିଶ୍ୱନାଥ ମହାପାତ୍ର, କପିଳ ସାହୁ, ଜ୍ୟୋତିପ୍ରଭା ଜେନା, ବିଭୂତି ପଟ୍ଟନାୟକ, ପ୍ରସନ୍ନ ମିଶ୍ର ପ୍ରମୁଖ ରକ୍ତଦାନ କରିଥିଲେ। ପ୍ରଥମେ ଗୋଡ଼ିପଡ଼ା ବଜାରରେ ଥିବା ଭଗତସିଂହଙ୍କର ପ୍ରତିମୂର୍ତ୍ତି ନିକଟରେ ପତାକା ଉତ୍ତୋଳନ କରାଯାଇଥିଲା। ଯୁବ ଫେଡେରେଶନର ଓଡ଼ଗାଁ ବ୍ଲକ ସମ୍ପାଦକ ଧିରେନ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଙ୍ଗଠନର ରାଜ୍ୟ ସଭାପତି ସରୋଜ କୁମାର ନାୟକ ପତାକା ଉତ୍ତୋଳନ କରି ଶହୀଦ ସ୍ମୃତି ଚାରଣ କରି ନିର୍ଭୀକ ଓ ତ୍ୟାଗର ପ୍ରତୀକ ହେବା ପାଇଁ ଯୁବକମାନଙ୍କୁ ଆହ୍ୱାନ ଦେଇଥିଲେ । ସୂଚନାଯୋଗ୍ୟ, ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇ ଭଗତ୍ ସିଂହ ୨୩ ମାର୍ଚ୍ଚ ୧୯୩୧ରେ ବ୍ରିଟିଶ ସରକାରଙ୍କ ଦ୍ୱାରା ଲାହୋର ଜେଲରେ ଫାଶୀ ପାଇଥିଲେ ।

# କଂଗ୍ରେସର ୧୦ ଗ୍ୟାରେଣ୍ଟି କାର୍ଡ ଉନ୍ମୋଚନ

ନୟାଗଡ଼,୨୩।୩(ଲୋକନାଥ ମିଶ୍ର)


କଂଗ୍ରେସ ନେତାମାନେ ଗ୍ୟାରେଣ୍ଟି କାର୍ଡ ଉନ୍ମୋଚନ କରୁଛନ୍ତି।

- କ୍ଷମତାକୁ ଆସିଲେ ବଦଳିବ ନୟାଗଡ଼
- ନୂଆ ଚିନିକଲ ସ୍ଥାପନ କରାଯିବ

୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ରାଜ୍ୟବାସୀଙ୍କ ପାଇଁ କଂଗ୍ରେସର ୧୦ଦଫା ଗ୍ୟାରେଣ୍ଟି କାର୍ଡକୁ ନୟାଗଡ଼ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲା କଂଗ୍ରେସ ସଭାପତି ବରିଷ୍ଠ ଆଇନଜୀବୀ ରଣଜିତ୍ ଦାଶ ଉନ୍ମୋଚନ କରିଛନ୍ତି । ନୟାଗଡ଼ ଜିଲାବାସୀଙ୍କ ପାଇଁ ନୟାଗଡ଼ରେ ନୂଆ ଚିନିକଲ ସ୍ଥାପନ ଗ୍ୟାରେଣ୍ଟି ରହିଛି। ସେହିଭଳି ରାଜ୍ୟବାସୀଙ୍କୁ କଂଗ୍ରେସ ଦଳର ୯ ଗ୍ୟାରେଣ୍ଟି ମଧ୍ୟରେ ଗୃହ ଜ୍ୟୋତି ଯୋଜନାରେ ରାଜ୍ୟର ପ୍ରତ୍ୟେକ ଘରୋଇ ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ୨୦୦ ୟୁନିଟ ବିଜୁଳି ଦେୟ ଛାଡ଼, ଯୁବବିକାଶ ଯୋଜନାରେ ରାଜ୍ୟର ୫ ଲକ୍ଷ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା ସହିତ ମାସିକ ୩ ହଜାର ଟଙ୍କା ବେକାର ଭତ୍ତା, କୃଷକ ବନ୍ଧୁ ଯୋଜନାରେ ବୋନସ ସହିତ ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି ୩ ହଜାର ଟଙ୍କା ଦିଆଯିବ। ସେହିଭଳି କୃଷକମାନଙ୍କ ପାଇଁ ମାସିକ ୨ ହଜାର ଟଙ୍କା ପେନସନ ଏବଂ କୃଷି ଋଣ ଛାଡ଼, ଗୃହଲକ୍ଷ୍ମୀ ଯୋଜନାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବ୍ୟାଙ୍କ ଋଣ ଛାଡ଼, ମହିଳାଙ୍କୁ ୨ ହଜାର ଟଙ୍କା, ଆଦିବାସୀ–ଦଳିତ ମହିଳାଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା ଏବଂ ମାସକୁ ୫ ଶହ ଟଙ୍କାରେ ରନ୍ଧନ ଗ୍ୟାସ ସିଲିଣ୍ଡର, ଜନକଲ୍ୟାଣ ଯୋଜନାରେ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ମାଧ୍ୟମରେ ମାଗଣା ଚିକିତ୍ସା ବ୍ୟବସ୍ଥା ରହିଛି। ଅନ୍ୟପକ୍ଷେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ଦିବ୍ୟାଙ୍ଗ ଭତ୍ତା ମାସିକ ୨ ହଜାର ଟଙ୍କା, ଚିଟ୍‌ଫଣ୍ଡ ପ୍ରଭାବିତ ଜମାକାରୀ ମାନଙ୍କୁ ୬ ମାସ ମଧ୍ୟରେ ସୁଧ ସହ ଜମାରାଶି ଫେରସ୍ତ, ଶିକ୍ଷାନୁଷ୍ଠାନ ଓ ଚାକିରୀ କ୍ଷେତ୍ରରେ ପଛୁଆ ବର୍ଗ ପାଇଁ ୨୭%ସ୍ଥାନ ସଂରକ୍ଷଣ ବ୍ୟବସ୍ଥା, ଆଦିବାସୀ ଓ ଦଳିତ ବର୍ଗଙ୍କ ନିଜ ଜମି ଓ ଜଙ୍ଗଲ ଜମି ଉପରେ ସମ୍ପୂର୍ଣ୍ଣ ଅଧିକାର, ୧୦୦ଦିନ ମଧ୍ୟରେ ପେସା ଆଇନକୁ କଡାକଡି ଭାବେ ଲାଗୁ କରାଯିବା ପାଇଁ କଂଗ୍ରେସ ସଂକଳ୍ପବଦ୍ଧ ବୋଲି କଂଗ୍ରେସ ନେତୃବର୍ଗ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ନବନିଯୁକ୍ତ ପିସିସି ସାଧାରଣ ସମ୍ପାଦକ ହୁସେନ ଖାଁ ଓ ସତ୍ୟବ୍ରତ ନାୟକଙ୍କୁ ଜିଲ୍ଲା ସଭାପତି ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଜିଲାର ରଣପୁର, ଦଶପଲ୍ଲା ଏବଂ ଖଣ୍ଡପଡା ବିଧାନସଭା ନିର୍ବାଚନମଣ୍ଡଳୀରେ ଅନୁରୂପ ଗ୍ୟାରେଣ୍ଟି କାର୍ଡ ଉନ୍ମୋଚନ କାର୍ଯ୍ୟକ୍ରମ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ଶ୍ରୀଜୀଉଙ୍କ ଦୋଳ ପରିକ୍ରମା


ଶ୍ରୀଜୀଉଙ୍କୁ ପୂଜାର୍ଚ୍ଚନା କରାଯାଉଛି।

ଖଣ୍ଡପଡ଼ା,୨୩।୩(ଅଜୟ କୁମାର ମହାରଣା)

କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ଜୀଉ ଶନିବାର ତ୍ରୟୋର୍ଦ୍ଦଶୀ ତିଥିରେ ଲକ୍ଷ୍ମୀ, ସରସ୍ୱତୀଙ୍କୁ ସାଙ୍ଗରେ ଧରି ଗ୍ରାମକୁ ଦୋଳ ପରିକ୍ରମା କରି ଚାଚେରୀ ଭୋଗ ଖାଇ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ । ପୁରୀ ଶ୍ରୀମନ୍ଦିର ପରି ଜଗନ୍ନାଥ ସଂସ୍କୃତିର ଆଦି ଦେବତା କଣ୍ଟିଲୋର ଶ୍ରୀନୀଳମାଧବଜୀଉଙ୍କ ମଧ୍ୟ ଫଗୁ ଦଶମୀଠାରୁ ଶ୍ରୀଜୀଉଙ୍କ ପବିତ୍ର ଦୋଳଯାତ୍ରା ୩ଦିନ ପର୍ଯ୍ୟନ୍ତ ପାରମ୍ପରିକ ରୀତିରେ ପାଳିତ ହୋଇଛି । ଏହି ଅବସରରେ ଶ୍ରୀଜୀଉମାନେ ପ୍ରତ୍ୟହ ସନ୍ଧ୍ୟାରେ ଶ୍ରୀଜୀଉଙ୍କ ଦୟଣାଚୋରି ବଗିଚାକୁ ଦୋଳ ପୂଜା ପାଇଁ ବିଜେ ହୋଇଥାନ୍ତି । ଶନିବାର ସନ୍ଧ୍ୟାରେ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ଜୀଉ ଲକ୍ଷ୍ମୀ, ସରସ୍ୱତୀଙ୍କ ସହ ସନ୍ଧ୍ୟା ଆଳତୀ ପରେ ମନ୍ଦିରରୁ ବାହାରି ଏକ ସୁସଜ୍ଜିତ ବିମାନରେ ଦୟଣାଚୋରୀ ବଗିଚାକୁ ଯାଇ ଦୋଳନୀତି ସଂପନ୍ନ କରିଥିଲେ । ପରେ ରାତି ପ୍ରାୟ ୯ ଟାରେ ଗ୍ରାମ ପରିକ୍ରମା କରି ଗ୍ରାମସ୍ଥିତ ଶ୍ରୀରଘୁନାଥ ଜୀଉ, ବଟେଶ୍ୱର ମହାଦେବ ଓ କୃଷ୍ଣେଶ୍ୱର ମହାଦେବଙ୍କ ନିକଟରେ ଚାଚେରୀ ଭୋଗ ଖାଇଥିଲେ । ପ୍ରତ୍ୟାବର୍ତ୍ତନ ସମୟରେ ପ୍ରତି ପରିବାର ସଦସ୍ୟମାନେ ଘର ଦୁଆରେ ଦୀପ, ଧୂପ ରଖି ଠାକୁରଙ୍କୁ ଚଣା, ଖଜା ଭୋଗ ଲଗାଇଥିଲେ ।

### ଓଡ଼ଗାଁ ବନ କର୍ମଚାରୀଙ୍କୁ ଅଟକ ମାମଲାର ରାୟ ପ୍ରକାଶ

**୩ ଅଭିଯୁକ୍ତଙ୍କୁ ୨ବର୍ଷ ୧୦ ମାସ କାରାଦଣ୍ଡ,ଜରିମାନା**

ଓଡ଼ଗାଁ,୨୩।୩ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଥାନା ସୁନାମୁହିଁ ପଞ୍ଚାୟତ ଖଙ୍ଗାରପଲ୍ଲୀ ଜଙ୍ଗଲରେ ବନ କର୍ମଚାରୀଙ୍କୁ ଅଟକ ରଖିଥିବା ମାମଲାର ରାୟ ପ୍ରକାଶ ପାଇଛି। ଓଡ଼ଗାଁ ଅଦାଲତରେ ଦେୱାନୀ ବିଚାରପତି ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ହରମୋହନ ଦାଶ ୩ ଅଭିଯୁକ୍ତଙ୍କୁ ୫ ହଜାର ଟଙ୍କା ଜରିମାନା ସହିତ ୨ ବର୍ଷ ୧୦ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମୁଦଲାମାନେ ହେଲେ ଓଡ଼ଗାଁ ଥାନା ସୁନାମୁହିଁ ପଞ୍ଚାୟତ ଖଙ୍ଗାରପଲ୍ଲୀ ଗାଁର ବାଇନାଥ ନାୟକ(୭୦), ମଙ୍ଗଳୁ ନାୟକ(୬୫) ଏବଂ ବିଦ୍ୟାଧର ନାୟକ(୪୨)। ୨୦୨୧ ମେ'୫ ତାରିଖରେ ଓଡ଼ଗାଁ ବନାଞ୍ଚଳ କାର୍ଯ୍ୟାଳୟର ଜଣେ ବନ କର୍ମଚାରୀଙ୍କୁ ଖଙ୍ଗାରପଲ୍ଲୀ ଜଙ୍ଗଲରେ ଅଟକ ରଖିଥିବା ନେଇ ତତ୍କାଳୀନ ବନାଞ୍ଚଳ ଅଧିକାରୀ ଅମ୍ରିତ କୁମାର ସାହୁ ଓଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ। ଓଡ଼ଗାଁ ପୋଲିସ ଏକ ମାମଲା(ନଂ.୫୮/୨୦୨୧) ରୁଜୁ କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିଥିଲେ। ପରେ ଜି ଆର – ୧୨୫/୨୦୨୧ ମୁତାବକ ମାମଲାର ବିଚାର ଓଡ଼ଗାଁ ଅଦାଲତରେ ଚାଲିଥିଲା। ଶୁକ୍ରବାର ବିଚାରପତି ତାଙ୍କ ରାୟ ପ୍ରକାଶ କରିଛନ୍ତି।

# ଗୋକୁଳାନନ୍ଦ ପୀଠ ରାସ୍ତା ଅନ୍ଧକାର

**ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା କରିବାକୁ ଦାବି**

ଖଣ୍ଡପଡ଼ା,୨୨।୩ (ଅଜୟ କୁମାର ମହାରଣା)


ଗୋକୁଳାନନ୍ଦ ପୀଠକୁ ପଡିଥିବା ଜଙ୍ଗଲିଆ ରାସ୍ତା।

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳାସ୍ଥ ଗୋକୁଳାନନ୍ଦ ପୀଠ ଏବଂ ତତ୍‌ସଂଲଗ୍ନ ମଧୁକର୍ଣ୍ଣିକା ପାହାଡ଼ରେ ଅବସ୍ଥିତ ଇକୋ ଟୁରିଜିମ ପରିବେଶ ପର୍ଯ୍ୟଟନସ୍ଥଳୀ କେନ୍ଦ୍ରକୁ ସଂଯୋଗ କରୁଥିବା ରାସ୍ତାରେ ଉଜ୍ଜ୍ୱଳ ଆଲୋକୀକରଣର ବ୍ୟବସ୍ଥା ନାହିଁ। ସନ୍ଧ୍ୟା ହେଲେ ରାସ୍ତାଟି ସମ୍ପୂର୍ଣ୍ଣ ଅନ୍ଧାରରେ ରହୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବନ ବିଭାଗ ପକ୍ଷରୁ ଉକ୍ତ ପୀଠରେ ସାମଗ୍ରୀକ ବିକାଶ ନିମନ୍ତେ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି। ସେହି ଅନୁଦାନରେ ପରିବେଶ ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକମାନଙ୍କ ରହିବା ଓ ଆମୋଦ ପ୍ରମୋଦ ନିମନ୍ତେ ଏକାଧିକ ନୂତନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ମାତ୍ର ଗୋକୁଳାନନ୍ଦ ପୀଠକୁ ସଂଯୋଗ କରୁଥିବା ରାସ୍ତାରୁ ପାହାଡ଼ିଆ ଜଙ୍ଗଲ ରାସ୍ତା ଦେଇ ପରିବେଶ ପର୍ଯ୍ୟଟନସ୍ଥଳୀକୁ ସଂଯୋଗ କରୁଥିବା ରାସ୍ତାରେ ଏକାଧିକ ବିଦ୍ୟୁତ ଖୁଣ୍ଟ ସ୍ଥାପନ କରାଯାଇଥିଲେ ହେଁ ସେଥିରେ ଉଜ୍ଜ୍ୱଳ ଆଲୋକୀକରଣର ବ୍ୟବସ୍ଥା କରାଯାଇନାହିଁ। ଫଳରେ ରାତିରେ ପର୍ଯ୍ୟଟକମାନେ ପାହାଡ଼ିଆ ରାସ୍ତା ଦେଇ ପରିବେଶ ପର୍ଯ୍ୟଟନସ୍ଥଳୀକୁ ଯାତାୟତ ନିମନ୍ତେ ସୁରକ୍ଷିତ ମଣୁ ନାହାନ୍ତି। ଉକ୍ତ ମଧୁକର୍ଣ୍ଣିକା ପାହାଡ଼ ଓ ସଂଲଗ୍ନ ସଂରକ୍ଷିତ ଜଙ୍ଗଲରେ ବିଭିନ୍ନ ପ୍ରଜାତିର ବିଷଧର ସରୀସୃପ, ଭାଲୁ, ବାରହା ପରି ହିଂସ୍ର ବନ୍ୟଜନ୍ତୁ ବାସ କରୁଛନ୍ତି । ରାତି ଅନ୍ଧକାରରେ ଏହି ନିର୍ଜନ ରାସ୍ତା ଦେଇ ଯିବା ବେଳେ ବିଷଧର ସରୀସୃପ ଗୁଡିକ ଏଣେତେଣେ ବିଚରଣ କରୁଥିବା ପରିଲକ୍ଷିତ ହେଉଛି। ତେଣୁ ପର୍ଯ୍ୟଟକଙ୍କ ସୁରକ୍ଷିତ ଯାତାୟତ ନିମନ୍ତେ ଉକ୍ତ ରାସ୍ତାରେ ଉଜ୍ଜ୍ୱଳ ଆଲୋକୀକରଣର ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି । ଏଥିପ୍ରତି ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ, ନୟାଗଡ଼ ବନଖଣ୍ଡ ଅଧିକାରିଣୀ ଦୃଷ୍ଟି ଦେବାକୁ ଦାବି ହେଉଛି ।

### ସ୍ୱର୍ଣ୍ଣ ପଦକ ବିଜେତା ମିନୁଙ୍କୁ ସମ୍ବର୍ଦ୍ଧନା

ନୟାଗଡ଼/ଓଡ଼ଗାଁ,୨୩।୩ (ଲୋକନାଥ ମିଶ୍ର/ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବ୍ଲକ୍ କୁରାଳ ପଞ୍ଚାୟତ ସୁବୁଦ୍ଧି ସାହିର ନିରଞ୍ଜନ ପାଣିଗ୍ରାହୀଙ୍କ ଏକମାତ୍ର ଝିଅ ମିନୁ ସଂସ୍କୃତର ଶ୍ରୀମଦ ଭଗବତ ଗୀତାର ଦ୍ୱିତୀୟ ଅଧ୍ୟାୟ ସାଂଖ୍ୟ ଯୋଗ ପରୀକ୍ଷାରେ ସର୍ବଭାରତୀୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ସଫଳତା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ସେ ସ୍ୱର୍ଣ୍ଣ ପଦକ ପାଇ ନୟାଗଡ଼ ଜିଲା ପାଇଁ ଗୌରବ ଆଣିଛନ୍ତି । ଏହି ପରିପ୍ରେକ୍ଷୀରେ ଶନିବାର ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ କୁରାଳସ୍ଥିତ ମିନୁଙ୍କ ଘରକୁ ଯାଇ ମିନୁଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ମୁଠା ଖୁଆଇ ଅଭିନନ୍ଦନ ଜଣାଇଥିଲେ। ଏଥରେ ଓଡ଼ଗାଁ ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ଜିଲା ସୋସିଆଲ ମିଡ଼ିଆ ସେଲ ଅଧ୍ୟକ୍ଷ ଦିଲୀପ କୁମାର ବିଶୋଇ, କୁରାଳ ପଞ୍ଚାୟତ କଂଗ୍ରେସ ସଭାପତି ଗଣପତି ପଲେଇ, ଏବଂ ପ୍ରକାଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ଖଣ୍ଡପଡ଼ା ଅଞ୍ଚଳବାସୀ

ଖଣ୍ଡପଡ଼ା,୨୩।୩ (ଅଜୟ କୁମାର ମହାରଣା)



ଅଚଳ ହୋଇପଡିଥିବା ଆମ୍ବୁଲାନ୍ସ।

ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବା ଯୋଗାଇବା ଲକ୍ଷ୍ୟରେ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ତୃଣମୂଳସ୍ତରରେ ୧୦୮ ଆମ୍ବୁଲାନ୍ସ ସେବା କିପରି ବିପର୍ଯ୍ୟସ୍ତ ହୋଇ ପଡିଛି ତାହା ଖଣ୍ଡପଡ଼ା ଓ କଣ୍ଟିଲୋ ଅଞ୍ଚଳରେ ନିୟୋଜିତ ହୋଇଥିବା ୧୦୮ ଆମ୍ବୁଲାନ୍ସ ଗାଡ଼ିକୁ ଦେଖିଲେ ସହଜରେ ଜାଣିହେବ । ଗତ ୧ ମାସ ଧରି ଖଣ୍ଡପଡ଼ା ଅଞ୍ଚଳବାସୀ ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଆଜକୁ ମାସକ ତଳେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ଧରି ୧୦୮ ଆମ୍ବୁଲାନ୍ସ ନୟାଗଡରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ବେଗୁନିଆ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ସେଦିନଠାରୁ ୧୦୮ ଆମ୍ବୁଲାନ୍ସ ଅଚଳ ହୋଇ ପଡିଥିବାରୁ ଖଣ୍ଡପଡ଼ା ଅଞ୍ଚଳବାସୀ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହୋଇଛନ୍ତି । ଅଞ୍ଚଳବାସୀ ଏ ସମ୍ପର୍କରେ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଖଣ୍ଡପଡ଼ାକୁ ଏକ ୧୦୮ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି । ମାତ୍ର ଉକ୍ତ ଆମ୍ବୁଲାନ୍ସ ଫିଟନେସ ଠିକ୍ ନ ଥିବାରୁ ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଗାଡିଟି ପଡି ରହିଛି । ସେହିପରି କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ୧୦୮ ଆମ୍ବୁଲାନ୍ସଟି ଦୀର୍ଘ ଦିନ ହେଲା ଅଚଳ ହୋଇ ପଡିଛି। ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବାଦଲ


@ ସିପୁନ୍


@ ସୁମନ


@ ତାପସ


@ ତ୍ରିଲୋଚନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୫ଲକ୍ଷ ଟଙ୍କାର ଶାଗୁଆନ, ଶାଳ କାଠ ଜବତ


ଲୁଚାଇ ରଖାଯାଇଥିବା କାଠକୁ ବନ ବିଭାଗ କର୍ମଚାରୀମାନେ ଜବତ କରୁଛନ୍ତି।

ଭାପୁର,୨୩।୩(ଭରତ କୁମାର ବେହେରା)

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ବଡସହରା ପଞ୍ଚାୟତରେ ବନବିଭାଗର ଚଢ଼ାଉରେ ପ୍ରାୟ ୫ ଲକ୍ଷ ଟଙ୍କା ମୂଲ୍ୟବାନ ଚୋରା କାଠ ଜବତ ହୋଇଛି। ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ କୌଣସି ସୂତ୍ରରୁ ଏ ସଂକ୍ରାନ୍ତରେ ସୂଚନା ପାଇଥିଲେ। ବଡସହରା ପଞ୍ଚାୟତ ବାଲିଆପଟା ଗ୍ରାମରେ ଚୋରା କାଠ ବ୍ୟବସାୟ ଚାଲୁଥିଲା । ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ ଏସିଏଫ୍ ଇମାନୀ ନାୟକଙ୍କ ନେତୃତ୍ୱରେ ମୋବାଇଲ ସ୍କ୍ୱାର୍ଡ ଶୁକ୍ରବାର ବିଳମ୍ବିତ ରାତିରେ ବାଲିଆପଟା ଗ୍ରାମରେ ଚଢ଼ାଉ କରିଥିଲା। ବାଲିଆପଟା ଗ୍ରାମର ଖେଳପଡିଆ ନିକଟସ୍ଥ ଏକ ଖାଲ ନିକଟରେ ଶାଗୁଆନ,ଶାଳ, ଫାଶି ଆଦି ମୂଲ୍ୟବାନ କାଠଗଣ୍ଡି ଗଦା ହୋଇ ରହିଥିଲା। କାଠଗଣ୍ଡି ଗୁଡ଼ିକୁ ଜବତ କରି ଭାପୁର ବନପାଳଙ୍କ କାର୍ଯ୍ୟାଳୟକୁ ଆଣାଯାଇଛି। ସେହି ବାଲିଆପଟା ଗ୍ରାମର ନରେନ୍ଦ୍ର କରଙ୍କ ଘରେ ବି ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଘରେ କୌଣସି ବ୍ୟକ୍ତି ନ ଥିଲେ । ଘରେ ତାଲା ପଡିଥିଲା। ମାଜିଷ୍ଟ୍ରେଟ ଅର୍ଜ୍ଜୁନ ପ୍ରଧାନଙ୍କ ଉପସ୍ଥିତିରେ ଘରର ତାଲା ଭଙ୍ଗାଯାଇ ଘର ଭିତରୁ ଏକ ଟ୍ରିପ୍ ଫାଶୀ ଓ ଆମ୍ବ କାଠ ପଟା ଜବତ କରି ଭାପୁର ବନବିଭାଗ କାର୍ଯ୍ୟାଳୟକୁ ଆଣାଯାଇଛି।

**ସଂକ୍ଷେପରେ**

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ନୀଳଗିରି, ୨୩।୩(ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରି ଉପଖଣ୍ଡ ସନ୍ତରାଗଡ଼ିଆ ବିଦୁ ରାସ୍ତାର ବାରାକୋଇଲି ଛକ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପ୍ରଶାନ୍ତ ନାୟକ। ସନ୍ତରାଗଡ଼ିଆ ଅଞ୍ଚଳର ପ୍ରଶାନ୍ତ ନାୟକ ଓ ପ୍ରଶାନ୍ତ ବେହେରା ନାମକ ଦୁଇ ସାଙ୍ଗ ଏକ ବାଇକରେ ସୋର ଉତ୍ତରେଶ୍ୱର୍ ନିକଟରେ ଥିବା କାନରା ବ୍ୟାଙ୍କରେ ଏକ ଆକାଉଣ୍ଟ ଖୋଲିଥିବା ଖାତା ଅପଡେଟ୍ ପାଇଁ ଯାଉଥିବା ବେଳେ ସନ୍ତରାଗଡ଼ିଆ ବିଦୁ ରାସ୍ତାର ବାରହାକୋଇଲି ଛକ ନିକଟରେ ବାମପଟେ ଠିଆ ହୋଇଥିବା ଏକ ଟ୍ରକକୁ ପଛପଟୁ ଧକ୍କା ଦେଇଥିଲେ। ଫଳରେ ଦୁଇଜଣ ରାସ୍ତାରେ ଛିଟିକି ପଡ଼ିଥିଲେ। ବାଇକ୍ ଚାଳକ ପ୍ରଶାନ୍ତ ନାୟକ ମୃତ୍ୟୁବରଣ କରିଥିବା ବେଳେ ପ୍ରଶାନ୍ତ ବେହେରା ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ଈଶ୍ୱରପୁର ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗାଡ଼ିଟି ଦ୍ରୁତ ଗତିରେ ଯାଉଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା କହିଛନ୍ତି। ପୋଲିସ ପହଞ୍ଚି ଗାଡ଼ିଦ୍ୱୟକୁ ଜବତ କରିଛି।

# ଶିଳ୍ପ ବଦଳରେ ମୋରମ ଲୁଟ୍ ଅଭିଯୋଗ

- ରାତିରେ ଚାଲିଛି ବେଆଇନ ଚାଲାଣ
- ଲଘୁ ଖଣିଜ ବିଭାଗ ଜାଣି ଅଜଣା
- ସରକାର ହରାଉଛନ୍ତି ବିପୁଳ ଟଙ୍କାର ରାଜସ୍ୱ

**ଯାଜପୁର, ୨୩।୩(ହର୍ଷବର୍ଦ୍ଧନ ବେହେରା)**


ଭିସିଆଇକୁ ମିଳିଥିବା ଜମିରୁ ମୋରମ୍ ଲୁଟ ଚାଲିଛି।

ରାଜ୍ୟ ସରକାର ଶିଳ୍ପ ସହ ନିଯୁକ୍ତିକୁ ଗୁରୁତ୍ୱ ଦେଇ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସ୍ୱତନ୍ତ୍ର ଶିଳ୍ପ ଜୋନ୍ ଭାବେ ପରିଗଣିତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ଡାଉନଷ୍ଟ୍ରିମ୍ ଶିଳ୍ପକୁ ମଧ୍ୟ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ଏଥିପାଇଁ ଗୋସୁଇପ୍ସ ପୋର୍ଟାଲ ଜରିଆରେ ଆବେଦନ କରିଥିବା ଛୋଟବଡ଼ ଶିଳ୍ପସଂସ୍ଥାଗୁଡ଼ିକୁ ଇଡ୍‌କୋ ଜରିଆରେ ଜମି ଯୋଗାଇ ଦିଆଯାଉଛି। ଏହିକ୍ରମରେ ୩୦ରୁ ଊର୍ଦ୍ଧ୍ୱ କମ୍ପାନୀକୁ ଶତାଧିକ ଏକର ଜମି ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ଦିଆଯାଇଛି। କିନ୍ତୁ ଜନଶୁଣାଣିରେ ସଫଳ ହେବା ପରେ ପରେ ଭିସିଆଇ କେମିକାଲ୍ସ ଇଣ୍ଡଷ୍ଟ୍ରିଜ ପ୍ରା.ଲି. କମ୍ପାନୀ କାରଖାନା ନିର୍ମାଣ କାର୍ଯ୍ୟ ଆରମ୍ଭ ନ କରି ମିଳିଥିବା ୧୫ ଏକର ସରକାରୀ ଜମିରୁ ବିପୁଳ ପରିମାଣର ମୋରମ ଖନନ କରି ବିନା ଟ୍ରାନ୍‌ଜିଟ୍ ପାସ୍(ଟିପି)ରେ ରାତିସାରା ବାହାରକୁ ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଏହି ବେଆଇନ ମୋରମ ଯଖପୁରଠାରୁ ବାଂଶପାଣି ରେଳପଥ ସମ୍ପ୍ରସାରଣ କାର୍ଯ୍ୟରେ ବ୍ୟବହାର ହେଉଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଏଯାଏ ପ୍ରାୟ ୨୦ କୋଟି ଟଙ୍କାର ମୋରମ ଚାଲାଣ ହୋଇଥିବା ଆକଳନ କରାଯାଉଛି। ଯଦି ଉକ୍ତ ଜମିର ସାଟେଲାଇଟ ମାପଚୁପ ହୁଏ ତେବେ ବାସ୍ତବ ମୋରମ ଲୁଟ ପରିମାଣର ପର୍ଦ୍ଦାଫାଶ ହୋଇପାରନ୍ତା ବୋଲି ଦାବି ହେଉଛି। ଏହି ବେଆଇନ କାରବାରକୁ ତହସିଲ ଓ ଲଘୁ ଖଣିଜ ବିଭାଗର ଅଧିକାରୀ ମୋଟା ଅଙ୍କର ଚାନ୍ଦା ନେଇ ସହଯୋଗ କରିଆସୁଥିବା ଅଭିଯୋଗ ହେଉଛି।

ଯାଜପୁର ଜିଲାର ଦାନଗଦି ତହସିଲ ଅନ୍ତର୍ଗତ କଳିଙ୍ଗନଗର ଇଣ୍ଡଷ୍ଟ୍ରିଆଲ ଅଞ୍ଚଳସ୍ଥିତ ଯଖପୁରା ଏବଂ କଟେରିଗାଁରେ ଭିସିଆଇ କେମିକାଲ୍ସର ୧.୦ ଏଲ୍‌ଟିପିଏ କ୍ଷମତା ବିଶିଷ୍ଟ ଗ୍ରୀନ ଫିଲ୍ଡ କୋଲଟାର ଡିଷ୍ଟିଲେଶନ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଅନୁମତି ମିଳିଛି। ଭିସିଆଇ ପକ୍ଷରୁ ୨୦।୮।୨୦୨୩ରେ ହୋଇଥିବା ଜନଶୁଣାଣିକୁ କ୍ଷତିଗ୍ରସ୍ତ ପ୍ରଜାମାନେ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ୧୯।୧୧।୨୦୨୩ରେ ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମରେ କଳେବଳେ କୌଶଳେ ଅନୁମତି ନେଇଥିବା ମତପ୍ରକାଶ ପାଇଛି। କିନ୍ତୁ ଏହାର ପ୍ରାୟ ୪ ମାସ ଅତିକ୍ରାନ୍ତ ହୋଇସାରିଥିଲେ ହେଁ କମ୍ପାନୀ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଜମିକୁ ସମତୁଲ କରାଯାଉଥିବା ବାହାନ କରି ବେଆଇନ ଭାବେ ବାହାରକୁ ମୂଲ୍ୟବାନ ମୋରମ ଚାଲାଣ କରାଯାଉଛି। ଏଥିରେ ରାଜ୍ୟ ସରକାରଙ୍କ ବିପୁଳ ପରିମାଣର ରାଜସ୍ୱହାନି ହେଉଥିବାବେଳେ କମ୍ପାନୀ କର୍ତ୍ତୃପକ୍ଷ ମାଲାମାଲ ହେଉଥିବା ଅଞ୍ଚଳବାସୀ ସ୍ଥାନୀୟ ତହସିଲଦାର ଏବଂ ଲଘୁ ଖଣିଜ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଗତ କିଛିଦିନ ତଳେ ଲଘୁ ଖଣି ବିଭାଗର ଡିଡିଏମ୍ ଜୟପ୍ରକାଶ ନାୟକ ସଦଳବଳ ଘଟଣାସ୍ଥଳକୁ ଯାଇଥିଲେ। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ଜମି ସମତୁଲ କରାଯାଉଛି ବୋଲି ସଫେଇ ଦେବାରୁ ସେମାନେ ଫେରିଆସିଥିଲେ। ଏନେଇ ଏକ ବଡ଼ଧରଣର ଅର୍ଥ କାରବାର ହୋଇଥିବା ଅଞ୍ଚଳବାସୀ ସନ୍ଦେହ କରୁଛନ୍ତି। ଏନେଇ ସେମାନେ ଯାଜପୁର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଏ ସଂକ୍ରାନ୍ତରେ ଡିଡିଏମ୍ ଜୟପ୍ରକାଶ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଅଭିଯୋଗ ହେବା ପରେ ଘଟଣାସ୍ଥଳର ତଦନ୍ତ କରାଯାଇଛି। ତଦନ୍ତ ସମୟରେ କମ୍ପାନୀ ପକ୍ଷରୁ ଜମିର ସମତୁଲ ହେଉଛି ବୋଲି ସ୍ପଷ୍ଟୀକରଣ ଦେଇଛନ୍ତି। କିନ୍ତୁ ରାତି ସମୟରେ ମୋରମ ଚାଲାଣ ହେଉଥିବା ଶୁଣିବାକୁ ମିଳିଛି। ତେଣୁ ଆଗାମୀ ଦିନରେ ଏହା ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନାୟକ କହିଛନ୍ତି।

# ବାଲିଚନ୍ଦ୍ରପୁରରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ନୂତନ ଶାଖା

**ବାଲିଚନ୍ଦ୍ରପୁର, ୨୩।୩ (ଗିରିଜା ପ୍ରସାଦ ସାହୁ):**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନ ବାଲିଚନ୍ଦ୍ରପୁର ବଜାରର ଥାନା ରୋଡ୍‌ଠାରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଏକ ନୂତନ ଶାଖା ଉଦ୍‌ଘାଟିତ ହୋଇଯାଇଛି। ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବାଲିଚନ୍ଦ୍ରପୁର ସରପଞ୍ଚ ଅନୁପମା ବଳ ଯୋଗଦେଇ ବ୍ୟାଙ୍କର ଏଟିଏମ୍ ଗୃହକୁ ଉଦ୍‌ଘାଟନ କରିଥିଲେ। ଯାଜପୁର ଜିଲା ଏଚ୍‌ଡିଏଫ୍‌ସି ବ୍ୟାଙ୍କର କ୍ଲଷ୍ଟର ମୁଖ୍ୟ ସଂଗ୍ରାମ ଦାସ ଯୋଗଦେଇ ରାଜ୍ୟରେ ୨୨୧ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶାଖା ଖୋଲାଯାଇଛି ବୋଲି କହିଥିଲେ।
ଏହି ଅବସରରେ କେତେକ ସଂଘକୁ ଋଣ ସହାୟତା ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବାଲିଚନ୍ଦ୍ରପୁର ଶାଖା ପରିଚାଳକ ଜ୍ୟୋତି ପ୍ରକାଶ ବେହେରା ଓ ଯାଜପୁର ରୋଡ୍, ଚଣ୍ଡିଖୋଲ, ଜାରକା, ଜାବରାର ବ୍ୟାଙ୍କ ଅଧିକାରୀ ରାକେଶ ମହାନ୍ତି, ସନ୍ତୋଷ ନନ୍ଦ, ସନ୍ଦୀପ ବିଶ୍ୱାଶ ଓ ନିଳାଦ୍ରି ମହାନ୍ତି ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ଏହି ବ୍ୟାଙ୍କ ଗ୍ରାହକଙ୍କୁ ସବୁକ୍ଷେତ୍ରରେ ଆର୍ଥିକ ସହାୟତା ଯୋଗାଇଦେବ ବୋଲି ବ୍ୟାଙ୍କ ଅଧିକାରୀମାନେ ମତପୋଷଣ କରିଥିଲେ। ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ପ୍ରାକ୍ତନ ସମିତି ସଭ୍ୟ ଅମୀୟ ବିଶ୍ୱାଳ, ଶିକ୍ଷାବିତ୍ ରତ୍ନାକର ପଣ୍ଡା, ସତ୍ୟବ୍ରତ ଜେନା, ଉମେଶ ରାଉତରାୟ, ଭରତ ରାଉତ, ସଞ୍ଜୟ ମିଶ୍ର ଓ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ, ଓ ସମ୍ପାଦିକା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


ଅତିଥି ବ୍ୟାଙ୍କ ଶାଖା ଉନ୍ମୋଚନ କରୁଛନ୍ତି।

# ଭଗତ ସିଂଙ୍କ ବଳିଦାନ ଦିବସ ପାଳିତ

**ଯାଜପୁରରୋଡ୍, ୨୩।୩ (ପବିତ୍ର ରଞ୍ଜନ ମହାନ୍ତି):**

ଶହୀଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ଭଗତ ସିଂ, ଶୁକଦେବ ଓ ରାଜଗୁରୁଙ୍କ ଫାଶୀ ଦିବସ ସ୍ଥାନୀୟ ଗୁଗୁଲ ମଣ୍ଡପଠାରେ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ସାମାଜିକ କର୍ମୀ ବସନ୍ତ ପାତ୍ର ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ୍ ୩୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସବିତା ରାଉତ, ନରେଶ ମସ୍କରା, ନାରାୟଣ ଚନ୍ଦ୍ର ନାୟକ, ଚନ୍ଦ୍ରମଣି ସାମଲ, ସନାତନ ମିଲିକ, ଖବରଦାତା ସୁଭାଷ ଧଳ, ବିଜୟ ସାହୁ, ଜ୍ଞାନରଞ୍ଜନ ଓଝା, ଚିନ୍ତାମଣି ପାଢ଼ୀ, ଭାଗିରଥି ବାରିକ, ରୁଦ୍ର ପ୍ରତାପ ପାଢ଼ୀ, ପଦ୍ମଲୋଚନ ନାୟକ, ନିତ୍ୟାନନ୍ଦ ମହାଲିକ ଓ ଡ. ମୋହନ ଚରଣ ଖୁଣ୍ଟିଆ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

ସନ୍ଧ୍ୟାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ବିଭାଗ ନିର୍ଦ୍ଦେଶକ ପୀୟୂଷ କାନ୍ତ ପାଣି, ମୁଖ୍ୟବକ୍ତା ଶିକ୍ଷାବିତ ଶିବଚରଣ ମାଝି, ସମ୍ମାନିତ ଅତିଥି ଡ. ପ୍ରସନ୍ନ କୁମାର ସାହୁ, ଶ୍ରମିକନେତା ବିଦ୍ୟାଧର ମହାନ୍ତି, ସଂଘ ସଭାପତି ରାଜେନ୍ଦ୍ର ବିଶ୍ୱାଳ ଯୋଗଦେଇ ଭଗତ ସିଂ, ରାଜଗୁରୁ, ଶୁକଦେବଙ୍କ ଶହୀଦ ଦିବସ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଶିଶୁ ରୋଗ ଚିକିତ୍ସକ ଡା. ଗୌତମ ସାହୁ, ଗାନ୍ତ୍ରିକ ଇଞ୍ଜିନିୟର ନନ୍ଦ ମହାନ୍ତି, ଯାଜପୁରରୋଡ୍ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ ଓ ପରିବେଶବିତ ତାରିଣୀ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ପରେ ବକ୍ତୃତା, ଚିତ୍ରାଙ୍କନ ଓ ଝୋଟି ପ୍ରତିଯୋଗିତାରେ ଭାଗନେଇଥିବା କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ରମେଶ ଚନ୍ଦ୍ର ବିଶ୍ୱାଳ, କଳିଙ୍ଗ ପହି, ମାନସ ରାଉତ, ହେମନ୍ତ ନାୟକ, ଅସିତ କୁମାର ଦାସ, ସମୀର ରାୟ, ପ୍ରମୋଦ ମଲ୍ଲିକ, ଶଶାଙ୍କ ବ୍ରହ୍ମ, ଭାଗିରଥି ବାରିକ, ବାଇଧର ମାଝି, ମନୋଜ ଦାଶ, ରାଜୁ ଲାହା, ଦିବାକର ଦାସ, ପାର୍ଥସାରଥୀ ସ୍ୱାଇଁ, ଆଦିତ୍ୟ ପରିଡ଼ା, ଧର୍ମେନ୍ଦ୍ର ସ୍ୱାଇଁ ଓ ମାଣିକ ଗାଗରାଇ ଯୋଗଦେଇ ସହଯୋଗ କରିଥିଲେ। ସଂଘ ସମ୍ପାଦକ ହେମନ୍ତ କୁମାର ଧୀର ଧନ୍ୟବାଦ ଦେଇଥିଲେ।



ବଳିଦାନ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

## କାଏମା ମେଳଣ ପ୍ରସ୍ତୁତି ବୈଠକ

**କାଏମା, ୨୩।୩(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ ଅଧୀନ କାଏମା ଅଞ୍ଚଳର ବହୁ ପୁରାତନ ୧୩୨ତମ କାଏମା ମେଳଣ ପାଇଁ ଏକ ପ୍ରସ୍ତୁତି ବୈଠକ କାଏମା ମେଳଣ ଚାନ୍ଦିନୀଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ମଧୁସୂଦନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୨୭ତାରିଖରେ ମେଳଣ ଆରମ୍ଭ ହୋଇ ୨୮ ତାରିଖ ମଧ୍ୟାହ୍ନରେ ଉଦ୍‌ଯାପିତ ହେବାକୁ ସ୍ଥିର କରାଯାଇଛି। ମେଳଣରେ ଛୋଟବଡ଼ ୩୦ରୁ ଊର୍ଦ୍ଧ୍ୱ ବିମାନ ବିଜେ କରିବାର କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରାତ୍ର ୨ଟାରେ ଥାନପତି ବିଜେ କରିବାର ବ୍ୟବସ୍ଥା ହୋଇଛି। ଦୋକାନୀଙ୍କ ପାଇଁ କିପରି ବ୍ୟବସ୍ଥା କରାଯିବ ସେ ବିଷୟରେ ଆଲୋଚନା କରାଯାଇଛି। ଖରା ଓ ଗରମକୁ ଦୃଷ୍ଟିରେ ରଖି କମିଟି ପକ୍ଷରୁ ପାନୀୟ ଜଳ ଓ ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱ ଦିଆଯାଇଛି। କାଏମା ବଜାରକୁ ଆଲୋକମାଳାରେ ସଜାଇବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ମେଳଣ କମିଟି ଉପସଭାପତି ମାୟାଧର ସେନାପତି, ତପନ କିଶୋର ଷଡ଼ଙ୍ଗୀ, କୁଳମଣି ସ୍ୱାଇଁ, ସନ୍ତୋଷ ସେଠୀ, ପ୍ରଦୀପ୍ତ କିଶୋର ମହଲା ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୁଖାଙ୍କୁ ସନ୍ତୁଷ୍ଟ ପାଇଁ ସମ୍ପାଦକ ପଦ ବ୍ୟବହାର

**ରସୁଲପୁର, ୨୩।୩(ରଞ୍ଜିତ ରାଉତ):**

ଯାଜପୁର ଜିଲାର ପ୍ରମୁଖ ନିର୍ବାଚନମଣ୍ଡଳୀଗୁଡ଼ିକ ମଧ୍ୟରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ୟତମ। ଚଳିତ ସାଧାରଣ ନିର୍ବାଚନରେ ଧର୍ମଶାଳାରେ ଶାସକ ବିଜେଡି ଓ ବିରୋଧୀ ଭାଜପା ମଧ୍ୟରେ ଲଢ଼େଇ ଜୋରଦାର ହେବ ବୋଲି ରାଜନୈତିକ ପାଣିପାଗରୁ ସ୍ପଷ୍ଟ ବାରି ହୋଇପଡୁଛି। ଏଭଳି ସ୍ଥିତିରେ ଧର୍ମଶାଳା ବିଜେଡି ରାଜନୀତି ସରଗରମ ହେବାକୁ ଲାଗିଲାଣି। ଦଳରେ ଅଲୋଡ଼ା ଥିବା ନେତାଙ୍କୁ ଲୋଡିଲେଣି ବିଧାୟକ ପ୍ରଣବ ବଳବନ୍ତରାୟ। ପୁରୁଖାମାନଙ୍କୁ ଖୋଜି ବିଭିନ୍ନ ପଦପଦବୀରେ ଅବସ୍ଥାନ କରିବା ପ୍ରକ୍ରିୟା ଆରମ୍ଭ ହେଲାଣି। ବିଶେଷକରି ବିଧାୟକ ପ୍ରଣବଙ୍କ ପିତା ସ୍ୱର୍ଗତ କଳ୍ପତରୁ ଦାସଙ୍କ ନିକଟତମ ଲୋକଙ୍କୁ ଦଳରେ କଣଠେସା କରାଯାଇଥିବା କୁହାଯାଉଥିଲା। ସେମାନଙ୍କୁ ଏବେ ଆଦରି ନେଉଛନ୍ତି ପ୍ରଣବ। ଆଉ ସେମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ବିଜେଡି ରାଜ୍ୟ ସମ୍ପାଦକ ପଦରେ ଥଇଥାନ କରାଯାଉଥିବା ଲକ୍ଷ୍ୟ କରାଯାଉଛି।

ଏହିକ୍ରମରେ ରସୁଲପୁର ବ୍ଲକରୁ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ସାମିଲ ହୋଇଥିବା ୯ ପଞ୍ଚାୟତ ଅଞ୍ଚଳର ୩ ପୁରୁଖା ନେତା ଏକଦା କଳ୍ପତରୁ ଦାସଙ୍କ ନିକଟତମ ବୋଲାଉଥିବା ପୂର୍ବତନ ଜିଲାପରିଷଦ ସଭାପତି ତଥା ଭାଜପା ନେତା ନରେଶ ଚନ୍ଦ୍ର ମହାନ୍ତି, ଭାଜପାର ବରିଷ୍ଠ ନେତା ସୁରେନ୍ଦ୍ର ପଣ୍ଡା ଓ ବିଧାୟକଙ୍କ କାର୍ଯ୍ୟକଳାପରେ ଅସନ୍ତୋଷବ୍ୟକ୍ତ କରି ଦଳୀୟ କାର୍ଯ୍ୟକ୍ରମରୁ ଦୂରେଇ ରହୁଥିବା ତ୍ରିଲୋଚନ ଦାଶଙ୍କ ଭଳି ପୁରୁଖାଙ୍କୁ ଦଳରେ ସାମିଲ କରାଯାଇ ଦଳୀୟ ସଂଗଠନକୁ ମଜଭୁତ କରିବାକୁ ପ୍ରୟାସ କରାଯାଉଛି। ସେମାନଙ୍କ ମଧ୍ୟରୁ ସୁରେନ୍ଦ୍ର ଓ ତ୍ରିଲୋଚନଙ୍କୁ ରାଜ୍ୟ ସମ୍ପାଦକ ପଦରେ ଆସୀନ କରିଛି ଦଳ। ଅସନ୍ତୁଷ୍ଟଙ୍କୁ ସନ୍ତୁଷ୍ଟ ପାଇଁ ସମ୍ପାଦକ ପଦ ବ୍ୟବହାର କରାଯାଉଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ନରେଶ କଂଗ୍ରେସରୁ ରାଜନୀତି ଆରମ୍ଭ କରି କଳ୍ପତରୁ ଦାସଙ୍କ ସହ ଜନତା ଓ ବିଜୁ ଜନତା ଦଳରେ ରହି କାମ କରୁଥିଲେ। ବିଧାୟକ ପ୍ରଣବଙ୍କ ସହ ନରେଶଙ୍କ ମତାନ୍ତର ହୋଇଥିଲା। ଫଳରେ ତାଙ୍କୁ ବିଜେଡିରୁ ବହିଷ୍କାର କରାଯାଇଥିଲା। ପରେ ସେ ଭାଜପାରେ ସାମିଲ ହୋଇଥିଲେ। ଯାଜପୁର ଜିଲାର ୨ ଟାଣୁଆ ବିଧାୟକ ପ୍ରଣବଙ୍କ ଉଦ୍ୟମରେ ତାଙ୍କୁ ଦଳରେ ସାମିଲ କରାଯାଇଥିଲା। ଏକଦା ବରିଷ୍ଠ ନେତା ସୁରେନ୍ଦ୍ର ପଣ୍ଡାଙ୍କୁ ସ୍ୱର୍ଗତ କଳ୍ପତରୁ ଦାସଙ୍କ ସାରଥୀ ବୋଲି କୁହାଯାଉଥିଲା। ସେ କଂଗ୍ରେସ ଓ ପରେ ଭାଜପାରେ ସାମିଲ ହୋଇ ଧର୍ମଶାଳାର ବିଧାୟକ ଟିକେଟ ଦୌଡରେ ରହିଆସୁଥିଲେ। ଦୀର୍ଘବର୍ଷ ପରେ ସେ ଏବେ ଘର ବାହୁଡ଼ା ହୋଇଛନ୍ତି। ବିଜେଡିର ବରିଷ୍ଠ ସଂଗଠକ ତ୍ରିଲୋଚନଙ୍କ ସହ ଧର୍ମଶାଳା ବିଧାୟକଙ୍କ ସମ୍ପର୍କ ଭଲ ନ ଥିଲା। ୨୦୨୨ ପଞ୍ଚାୟତ ନିର୍ବାଚନରେ ରାହାମ୍ଭା ପଞ୍ଚାୟତରେ ବିଧାୟକ ପ୍ରଣବ ଓ ତ୍ରିଲୋଚନ ସଂଗଠନ ମୁହାଁମୁହିଁ ହୋଇଥିଲେ। ପଞ୍ଚାୟତ ନିର୍ବାଚନରେ ତ୍ରିଲୋଚନ ବାଜିମାତ୍ କରିଥିଲେ। ସେବେଠାରୁ ବିଧାୟକ ଓ ତ୍ରିଲୋଚନଙ୍କ ମଧ୍ୟରେ ଦୂରତା ରହିଆସୁଥିଲା। ତାଙ୍କୁ ଦଳକୁ ଫେରାଇ ଆଣି ସଂଗଠନକୁ ମଜଭୁତ୍ କରିବାକୁ ପ୍ରୟାସ କରାଯାଇଛି। ଏଭଳି ଭାବେ ଧର୍ମଶାଳାରେ ବିଜେଡିର ପୁରୁଣା ନେତାମାନଙ୍କୁ ଘର ବାହୁଡା କରି ଦଳୀୟ ସଂଗଠନକୁ ମଜ୍‌ଭୁତ କରିବାକୁ ପ୍ରୟାସ କରାଯାଉଛି। ତେବେ ପୁରୁଖାଙ୍କ ଘର ବାହୁଡା ଦଳର ସଂଗଠନକୁ କେତେ ମଜଭୁତ୍ କରୁଛି ତାହା ଭୋଟ ଫଳାଫଳରୁ ସ୍ପଷ୍ଟ ହେବ ବୋଲି ଆଲୋଚନା ହେଉଛି।

**ଧର୍ମଶାଳା ବିଜେଡି ରାଜନୀତି**

# ବିରଜା ବିଶ୍ୱକଲ୍ୟାଣ ମହାଯଜ୍ଞ ପ୍ରସ୍ତୁତି ଜୋରଦାର

**ରସୁଲପୁର, ୨୩।୩(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ନଠୁଆବର, ଶ୍ରୀବନ୍ତପୁର ଓ ଜାବରା ପଞ୍ଚାୟତର ସୀମାନ୍ତବର୍ତ୍ତି ତ୍ରିକୋଣଭୂମୀ ଅଞ୍ଚଳ(କ୍ଷୀର ନଦୀ ପଠା ନାମରେ ନାମିତ)ରେ ମାର୍ଚ୍ଚ ୩୧ରୁ ଦ୍ୱି-ବାର୍ଷିକ ବିରଜା ବିଶ୍ୱରୂପା ନବକୁଣ୍ଡୀୟ ମହାଯଜ୍ଞ ଆରମ୍ଭ ହେବ। ଏଥିପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ଯଜ୍ଞ କାର୍ଯ୍ୟକୁ ସଫଳତାର ସହ ସମାପନ କରିବାକୁ ଆଖପାଖ ଅଞ୍ଚଳର ମୁରବୀ, ଭକ୍ତ, ଧର୍ମାନୁଷ୍ଠାନ ପ୍ରେମୀ, ନେତା ଓ ଯୁବକମାନେ ଲାଗି ପଡିଛନ୍ତି। ମା' ବିରଜା ବିଶ୍ୱରୂପାଙ୍କ ମୃଣ୍ମୟମୂର୍ତ୍ତି ଗଢ଼ା ଅଧାଅଧି ସରିଗଲାଣି। ୯ ଯଜ୍ଞମଣ୍ଡପ ନିର୍ମାଣ କାର୍ଯ୍ୟ ସରିଛି। ଛପର କରାଯାଇ ମଣ୍ଡପର ଆନୁଷଙ୍ଗିକ କାର୍ଯ୍ୟ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାଖାପାଖି ୯ ପଞ୍ଚାୟତରେ ଯଜ୍ଞ ପାଇଁ ନିମନ୍ତ୍ରଣପତ୍ର ବଣ୍ଟନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଜାବରା, ନଠୁଆବର, ଶ୍ରୀବନ୍ତପୁର ପଞ୍ଚାୟତରେ ନିମନ୍ତ୍ରଣପତ୍ର ବଣ୍ଟା ସରିଲାଣି। ଟିକରପଡ଼ା, ଗନ୍ଧଣ, ବଡ଼କଇଁଚି, କଲଣ ଓ ଓଡ଼ିଶୋ ଆଦି ପଞ୍ଚାୟତର ପ୍ରତ୍ୟେକ ଘରେ ନିମନ୍ତ୍ରଣପତ୍ର ବଣ୍ଟାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ବିରଜାପୁତ୍ର ସ୍ୱାମୀ ଉଦୟାନନ୍ଦ ମହାରାଜ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଚଳିତବର୍ଷ ଆୟୋଜିତ ହେବାକୁ ଥିବା ଅନ୍ତର୍ଜାତୀୟ ସନ୍ଥ ସମ୍ମିଳନୀ ଉପରେ ଅଧିକ ଧ୍ୟାନ କେନ୍ଦ୍ରୀଭୂତ କରୁଛନ୍ତି। ଏପ୍ରିଲ ୬ରେ ମହାବାରୁଣୀ ସ୍ନାନ ଯୋଗ ପଡୁଥିବାରୁ ଯଜ୍ଞ କାର୍ଯ୍ୟସାରି ସାଧୁସନ୍ଥ, ବାବାଜୀମାନେ ବାରୁଣୀ ପୀଠକୁ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି। ଏଥର ଅନ୍ତର୍ଜାତୀୟ କ୍ରିୟା ଯୋଗୀ ଆଚାର୍ଯ୍ୟ ଦେବାନନ୍ଦ ଶାସ୍ତ୍ରୀଜୀ ମହାରାଜ, ଜ୍ଞାନାନନ୍ଦା ବ୍ରହ୍ମଚାରୀ ଓ ଅଖଣ୍ଡକ୍ରିୟା ଯୋଗ ସାଧନା ମନ୍ଦିର ସେବାଶ୍ରମ ବାଖରପୁର ପଶ୍ଚିମବଙ୍ଗ ପ୍ରମୁଖ ମୁଖ୍ୟ ଆକର୍ଷଣ ସାଜିବେ। ସାଧ୍ୱୀ ଜ୍ଞାନାନନ୍ଦଙ୍କ ପ୍ରବଚନ ଶ୍ରଦ୍ଧାଳୁଙ୍କୁ ବିମୁଗ୍ଧ କରିବା ବୋଲି କୁହାଯାଉଛି।

ଓଡିଶା ସାଧୁ ସନ୍ଥ ସମାଜର ସଭାପତି ମହନ୍ତ ଶ୍ରୀଚିନ୍ତାମଣି ପର୍ବତ ଗୋସ୍ୱାମୀ, ମହାସଚିବ-ପଞ୍ଚାୟତି ଆଖଡାର ବାବାଜୀ ଶ୍ରୀଓଁକାର ଗିରି ମହାରାଜ, ମହାସଚିବ ପଞ୍ଚାୟତି ଆଖଡା ଶ୍ରୀନିରଞ୍ଜନୀ ପ୍ରୟାଗ ରାଜ, ରାଜିମ କୁମ୍ଭମେଳା, ଛତିଶଗଡ ସଭାପତି ସାଧୁ ଦିଗମ୍ବର ଜନକପୁରୀ ମହାରାଜ, ନିଗମ କଳ୍ପତରୁ ଆଶ୍ରମ ଭୁବନେଶ୍ୱରର ସ୍ୱାମୀ ପରମହଂସ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ, ସନ୍ୟାସୀ ଦିବ୍ୟାମ୍ବା ସରସ୍ୱାତୀ, ଉତ୍କଳ ଆଶ୍ରମ-ହରିଦ୍ୱାରର ବାବା ବଲ୍ଲଭପୁରୀ ମହାରାଜ, ସ୍ୱାମୀ ଜଗବନ୍ଧୁ ପୁରୀ ମହାରାଜ, ଜୁନା ଆଖାଡା-ଉଜ୍ଜୟନୀର ବାବା ନାଗା ଚନ୍ଦନଗିରି ମହାରାଜ, ଗୁଜରାଟ ରାଜ୍ୟ ଜୁନାଗଡ ଆଶ୍ରମର ସନ୍ଥ ସଚ୍ଚିଦାନନ୍ଦ ଗିରି ମହାରାଜ, ମହାରାଷ୍ଟ୍ରର ସନ୍ୟାସୀ ଗୋପାଳ ଗିରିଜୀ ମହାରାଜ, ହରିଆଣା ରାଜ୍ୟ ନନ୍ଦଗାଁ ଅଞ୍ଚଳର ବାବା ହରିଗିରି ମହାରାଜ, ମଳିପଡା ମଠ-ଖୋର୍ଦ୍ଧାର ମହନ୍ତ ବିଶ୍ୱମ୍ଭର ଦାସ ମହାରାଜ, ଅଧ୍ୟକ୍ଷ ନାମ ମନ୍ଦିର ବରୁଣେଶ୍ୱର-ଯାଜପୁରର ବାବା ସଚ୍ଚିଦାନନ୍ଦ ଦାସ ମହାରାଜ, ନିଳିମା ଆଶ୍ରମ-ଯାଜପୁରର ବାବା ରାଜୀବ ନାରାୟଣ ଦେବ ମହାରାଜ, ସ୍ୱାମୀ ଚିଦାନନ୍ଦ ପର୍ବତ ମହାରାଜ, ଗିରିଜାନନ୍ଦ ପର୍ବତ ମହାରାଜ, ରଙ୍ଗିଆଗଡ-ପାରାଦୀପର ସନ୍ଥ ପ୍ରଶନ୍ନାନନ୍ଦ ଦାସ ମହାରାଜ, ବଲାଙ୍ଗିରର ବାବା ବିଷ୍ଣୁଗିରି ମହାରାଜ, ରୁଦ୍ରାଶ୍ରମ ଗୋଶାଳା-ବାଲେଶ୍ୱରର ବାବାଜୀ ରାମଚନ୍ଦ୍ର ରାମାନୁଜ ଦାସ ମହାରାଜ, ଢେଙ୍କାନାଳର ସନ୍ୟାସୀ ସନ୍ତୋଷ ଚୈତନ୍ୟ ମହାରାଜ, ଗଣେଶ ବାବା ପ୍ରବଚକ ଜ୍ଞାନାନନ୍ଦ ବ୍ରହ୍ମଚାରୀ, ମହନ୍ତ ରାମକୃଷ୍ଣ ଦାସ, ରାଧାବଲ୍ଲଭ ମଠ ପୁରୀ(ଶ୍ରୀ ମନ୍ଦିର ପରିଚାଳନା ସମିତି)ଛତିଶଗଡ, ଦ୍ୱାରିକା ଅଞ୍ଚଳର ମହାରାଜ ନାଗା ବସନ୍ତ ଭାରତୀଙ୍କ ସମେତ ଶତାଧିକ ମଠ ମନ୍ଦିର, ଆଖଡ଼ା ଓ ବାଜାଜୀ ଗ୍ରାମ ଆଦିର ସାଧୁସନ୍ଥ ଯଜ୍ଞରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।



# ସାମନ୍ତବାଦୀ ଚିନ୍ତାଧାରାର ପ୍ରତୀକ ବରୁଆଁ ମେଳଣ

**ଯାଜପୁର ସଦର, ୨୩।୩ (ସମର ବିଜୟ ଶରଣ):**

ଯାଜପୁର ବ୍ଲକ୍‌ର ସର୍ବପୁରାତନ ତଥା କିମ୍ବଦନ୍ତୀ ବହନ କରୁଥିବା ବରୁଆଁ ମାହାଲ ଦୋଳ ମେଳଣ ଏକ ସାମନ୍ତବାଦୀ ଚିନ୍ତାଧାରାର ପ୍ରତୀକ। ଐତିହ୍ୟ ସମ୍ପନ୍ନ ସାଂସ୍କୃତିକ ତଥା ଭାଇଚାରାରେ ପର୍ଯ୍ୟବେସିତ ରାଧାକୃଷ୍ଣ ମିଳନ ବା ଦୋଳପର୍ବ ଭାବେ ଏହାର ଖ୍ୟାତି ରହିଛି। ଏହି ମେଳଣ ପାଖାପାଖି ୪୦୦ ବର୍ଷର ପୁରାତନ, ଯାହାକି ଜମିଦାରୀ ପ୍ରଥା ସମୟରୁ ଅଦ୍ୟାବଧି ଚାଲିଛି। ବଂଶାନୁକ୍ରମିକ ଉତ୍ତରାଧିକାରୀ ସୂତ୍ରରେ ଏହି ମେଳଣର ପରିଚାଳନା ପରିଷଦ ଗଠନ କରାଯାଇ ଶୃଙ୍ଖଳିତ ଭାବେ ଦୋଳ ପୂର୍ଣ୍ଣିମା ପୂର୍ବ ରାତିରେ ମେଳଣ ଆରମ୍ଭ ହୋଇ ପୂର୍ଣ୍ଣିମା ଦିନ ଅପରାହ୍ନରେ ଉଦ୍‌ଯାପିତ ହୁଏ। ଚଳିତ ଥର ମେଳଣ ରବିବାର ରାତିରେ ଆରମ୍ଭ ହୋଇ ସୋମବାର ସକାଳେ ଶେଷହେବ। ମେଳଣର ବିଶେଷତ୍ୱ ହେଉଛି ଏଠାକୁ କୌଣସି ଠାକୁରଙ୍କୁ ଆମନ୍ତ୍ରଣ କରାଯାଏ ନାହିଁ କିମ୍ବା ବିଦାକି ସ୍ୱରୂପ ଅର୍ଥରାଶି ପ୍ରଦାନ କରାଯାଇ ନ ଥାଏ। କାରଣ ପୂର୍ବ ବର୍ଷ ଦୋଳ ପୂର୍ଣ୍ଣିମା ଦିନ ପ୍ରତ୍ୟେକ ଠାକୁରଙ୍କୁ ଗୋଟା ପାନ ଗୁଆ ଦିଆଯାଇ ବରଣ କରାଯାଇଥାଏ। ଠାକୁର ଦୋଳ ବିମାନରେ ବିଜେକରି ପଡିଆକୁ ଆସିବା ପରେ ମେଳଣ କମିଟି ପକ୍ଷରୁ ଠାକୁରଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଗୋଟା ପାନ, ଗୋଟା ଗୁଆ ଦିଆଯାଇ ସ୍ୱାଗତ କରାଯାଏ। ପରେ ଏକ ମାଲସା କୁଡୁଆରେ ଭୋଗ ଲାଗି କରାଯାଇ ବିଦାକି ସ୍ୱରୂପ ଏକ ଟଙ୍କା ପଚିଶ ପଇସା ସମ୍ମାନାର୍ଥେ ଦିଆଯିବାର ପରମ୍ପରା ରହିଛି।

ମେଳଣର ପ୍ରଥା ଅନୁସାରେ ସମସ୍ତ ସେବାୟତ ନିଜର ଉତ୍ସର୍ଗୀକୃତ ସେବା ଯୋଗାଇଥାନ୍ତି। ମାଳି ଦ୍ୱାରା ପୁଷ୍ପମାଲ୍ୟ, କୁମ୍ଭାର ଭୋଗ କୁଡୁଆ ପ୍ରସ୍ତୁତ ଓ ସହାୟକ ଭାବେ ବାରିକ ଇତ୍ୟାଦି ସେବାୟତଙ୍କୁ ପ୍ରଚଳିତ ପ୍ରଥା ଅନୁଯାୟୀ ମାତ୍ର ଏକ ଟଙ୍କା ପ୍ରଦାନ କରାଯିବାର ପରମ୍ପରା ରହିଛି। ମେଳଣର ଥାନପତି ବରୁଆଁର ଶ୍ରୀଶ୍ରୀ ଗୋପୀନାଥ ଜୀଉ ସନ୍ଧ୍ୟାରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ମେଳଣ ପଡିଆରେ ଥିବା ଥାନପତି ମଣ୍ଡପରେ ବିଜେ ହୋଇଥାନ୍ତି। ପ୍ରତ୍ୟେକଠାକୁରଙ୍କ ଦୋଳବିମାନ ନିମନ୍ତେ ସ୍ୱତନ୍ତ୍ର ମଣ୍ଡପ କମିଟି ଦ୍ୱାରା ପ୍ରସ୍ତୁତ ହୋଇଥାଏ। ମେଳଣକୁ ଆଖପାଖ ପ୍ରାୟ ୩୬ ଗ୍ରାମର ଠାକୁର ଦୋଳବିମାନରେ ବିଜେ କରନ୍ତି। ମେଳଣ କମିଟିର ସ୍ଥାୟୀ ସଭାପତି ଭାବେ ବାଲିଆର ଚୌଧୁରୀ ରାଜା ପାର୍ଥସାରଥୀ ସାମନ୍ତସିଂହାର ମହାପାତ୍ର, ଉପସଭାପତି ଭାବେ କମଳପୁରର ଚୌଧୁରୀ ସତ୍ୟ ସୁନ୍ଦର୍ ମହାପାତ୍ର ପରିଚାଳନା କମିଟିର ସଦସ୍ୟଙ୍କ ସହ ମେଳଣ ଚାନ୍ଦିନୀରେ ଠାକୁର ବାଡ଼ିଆଙ୍କ ସହ ବସି ମେଳଣ ପରିଚାଳନା କରିଥାନ୍ତି। ମେଳଣ କମିଟି ସଦସ୍ୟ ଭାବେ ପ୍ରତ୍ୟେକ ଠାକୁରବାଡିଆ ଓ ଆଖପାଖ ଅଞ୍ଚଳର ମୁରବୀ, ବହୁ ବୁଦ୍ଧିଜୀବୀ ଉପସ୍ଥିତ ରୁହନ୍ତି। ବିଭିନ୍ନ ମଠମନ୍ଦିରରୁ ସୁସଜ୍ଜିତ ବିମାନରେ ଆସିଥିବା ରାଧାକୃଷ୍ଣଙ୍କ ଶୋଭାଯାତ୍ରାରେ ମହନ୍ତ, ପୂଜକ, ସେବାୟତ, ଛତ୍ରଛତ୍ରି, ନିଶାନ, ବାଜା, ବାଣ ସମେତ ପାରମ୍ପରିକ ଲୋକନୃତ୍ୟ, ରଙ୍ଗ ଅବିର ଖେଳ ଓ କୀର୍ତ୍ତନମଣ୍ଡଳୀ ମାଧ୍ୟମରେ ଶ୍ରୀଜୀଉଙ୍କୁ ମଣ୍ଡପରେ ବିଜେ କରାଇଥାନ୍ତି। ପୋଲିସ, ପ୍ରଶାସନ, ଅଗ୍ନିଶମ ବାହିନୀ, ସ୍ୱାସ୍ଥ୍ୟ ବିଭାଗ, ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ, ବୁଦ୍ଧିଜୀବୀ, ମୁରବୀ ଓ ଯୁବ ସଂଗଠନର ସହଯୋଗରେ ମେଳଣ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥାଏ।



## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ୧୪ ଆହତ

ପାରଳାଖେମୁଣ୍ଡି/ମୋହନା, ୨୩।୩ (ଗିରିଧାରୀ ପରିଛା/ମନ୍ମଥ ମିଶ୍ର)

ମହୁମାଛି ଆକ୍ରମଣରେ ୧୪ଜଣ ଆହତ ହୋଇଥିବା ଜଣାପଡ଼ିଛି। ଏପରି ଏକ ଅଘଟଣ ଘଟିଛି ଗଜପତି ଜିଲା ମୋହନା ବ୍ଲକ ଖାରିନେରା ଗ୍ରାମରେ। ସୂଚନା ଅନୁଯାୟୀ ଶନିବାର କିଛି ଲୋକ ଜଙ୍ଗଲକୁ କାଠ ଆଣିବା ପାଇଁ ଯାଇଥିଲେ। ସେଠାରେ ସେମାନେ ଏକ ଗଛମୂଳେ ରୋଷେଇ କରୁଥିବା ବେଳେ ଗଛ ଉପରେ ଥିବା ଏକ ମହୁମାଛି ସମସ୍ତଙ୍କୁ ଆକ୍ରମଣ କରିଥିଲେ। ଖବର ପାଇ ଗ୍ରାମବାସୀ ସେମାନଙ୍କୁ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

### ଜଙ୍ଗଲରୁ ୩ କୁଇଣ୍ଟାଲ ଗଞ୍ଜେଇ ଜବତ

ଦାରିଙ୍ଗବାଡି, ୨୩।୩ (ଅରୁଣ ସାହୁ):

କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଅଞ୍ଚଳରେ ଗଞ୍ଜେଇ ଚାଷ ଥମିବାରେ ନାମ ଧରୁନି। ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଗଞ୍ଜେଇ ଚାଷ ବୃଦ୍ଧି ପାଉଥିବା ବେଳେ ଦାରିଙ୍ଗବାଡି ଅଞ୍ଚଳରେ ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ପୋଲିସ ପାଇଁ ଚିନ୍ତାର କାରଣ ହୋଇଛି। ଶନିବାର ଗଞ୍ଜେଇ ମାମଲା ଦୁଇ ଦୁଇଟି ହୋଇଥିବା ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର କହିଛନ୍ତି। ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ଦୁଇ ଭାଇ ଭଉଣୀ ବାଲିଗୁଡା ଥାନା ଅଞ୍ଚଳରୁ ଗଞ୍ଜେଇ ନେଇ ଦାରିଙ୍ଗବାଡି ଦେଇ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଦାରିଙ୍ଗବାଡି ପୋଲିସ ମାଡ଼ିବସିଥିଲା। ସେମାନଙ୍କ ଠାରୁ ୩ କେଜି ଗଞ୍ଜେଇ ସହ ବାଇକ ଗୋଟିଏ ଜବତ କରି ଭଉଣୀକୁ କୋର୍ଟ ଚାଲାଣ କରିଥିବା ବେଳେ ନାବାଳକଙ୍କୁ ସୁଧାର ଗୃହକୁ ପଠାଇଥିବା ଓ ସେମାନଙ୍କ ନାମରେ ମାମଲା ରୁଜୁ କରି ଅଧିକା ତଦନ୍ତ କରାଯାଉଛି ବୋଲି ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର କହିଛନ୍ତି। ସେହିପରି ଉକ୍ତ ଥାନା କିରିକୁଟି ପଞ୍ଚାୟତ ମୁଣ୍ଡନାଜୁ ଜଙ୍ଗଲରେ ଏକ କୁଡ଼ିଆର ଛାତ ଉପରେ ପ୍ରାୟ ୩ କୁଇଣ୍ଟାଲ ଗଞ୍ଜେଇ ବିକ୍ରୀ ପାଇଁ ଚାଲାଣ କରିବାକୁ ଲୁଚାଇ ରଖିଥିବା କୌଣସି ସୂତ୍ରରୁ ପୋଲିସ ଖବର ପାଇ ଗଞ୍ଜେଇ ଜବତ କରିଥିବା ଓ ଥାନାକୁ ଆଣିଥିବା ଆଇଆଇଆସି କହିଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ପୋଲିସ କହିଛି।

### ବନ୍ଧୁକ ସହ ଅଭିଯୁକ୍ତ ଗିରଫ

ଭଞ୍ଜନଗର, ୨୩।୩(ବାବୁଲା ପ୍ରଧାନ): ଭଞ୍ଜନଗର ପୋଲିସ ଶୁକ୍ରବାର ରାତିରେ ବେଲଗୁଣ୍ଠା ରାସ୍ତାରେ ଯାନବାହାନ ଯାଞ୍ଚ କରୁଥିବା ବେଳେ ଜଣେ ଦୁର୍ଦ୍ଦାନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଅଭିଯୁକ୍ତ ହେଲେ କାଳିପଲ୍ଲୀର ପବିତ୍ର ନାୟକ। ପୋଲିସ ତା'ଠାରୁ ଗୋଟିଏ ବନ୍ଧୁକ, ୪ଟି ଜୀବନ୍ତ ଗୁଳି, ଗୋଟିଏ ଖଣ୍ଡା, ଗୋଟିଏ ମୋବାଇଲ ଫୋନ, ୩ ଶହ ଟଙ୍କା ସମେତ ଗୋଟିଏ ବାଇକ୍ ଜବତ କରିଛି। ଶନିବାର ପବିତ୍ରଙ୍କୁ ଭଞ୍ଜନଗର କୋର୍ଟ ଚାଲାଣ କରାଯାଇଛି। ପବିତ୍ରଙ୍କ ନାମରେ ଭଞ୍ଜନଗର ଓ ଗାଙ୍ଗପୁର ଥାନାରେ ପୂର୍ବରୁ ୭ଟି ମାମଲା ଅଛି । ସୂଚନାଯୋଗ୍ୟ, ଗତକାଲି ରାତିରେ ଭଞ୍ଜନଗର ଥାନା ଏସ୍ଆଇ ଜୋସ୍ନାମୟୀ ସାହୁ ଏବଂ ଅନ୍ୟମାନେ ବେଲଗୁଣ୍ଠା ରୋଡ୍ ବରଙ୍ଗ ନାଳଠାରେ ଯାନବାହାନ ଯାଞ୍ଚ କରୁଥିଲେ । ଏହି ସମୟରେ ବେଲଗୁଣ୍ଠା ଆଡୁ ଭଞ୍ଜନଗର ଅଭିମୁଖେ ଆସୁଥିବା ପବିତ୍ର ପୋଲିସକୁ ଦେଖି ଦ୍ରୁତ ଗତିରେ ଫେରି ପଳାଉଥିଲେ। ପୋଲିସ ପବିତ୍ରଙ୍କୁ ପିଛା କରି କାବୁ କରିବାରେ ସକ୍ଷମ ହୋଇଥିଲା ବୋଲି ଥାନା ଅଧିକାରୀ କୁମର ମୁଦୁଲି ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

# ବାଲି ଚୋରାଚାଲାଣ ଚଢ଼ାଉ ବେଳେ ଆକ୍ରମଣ

ଗଞ୍ଜାମ, ୨୩।୩(ବିଦ୍ୟାଧର ସାହୁ)

**ଖଣି ଅଧିକାରୀ ହଟହଟା, ପୋଲିସ ଗାଡ଼ି ଭାଙ୍ଗିଲେ**



ବୋଲେରୋକୁ ଜେସିବି ଦ୍ୱାରା ଭଙ୍ଗାଯାଉଛି ।

ଗଞ୍ଜାମ ରଷିକୂଲ୍ୟା ବ୍ରିଜ ନିକଟରୁ ବେଆଇନ ବାଲି ଚୋରାଚାଲାଣ ଉପରେ ଚଢ଼ାଉ ପାଇଁ ଶନିବାର ପୋଲିସ ସହ ଆସିଥିବା ଖଣି ବିଭାଗ ଅଧିକାରୀ ହଟହଟା ହୋଇଛନ୍ତି। ବାଲି ବ୍ୟବସାୟୀ ପୋଲିସ ଗାଡ଼ିକୁ ଭାଙ୍ଗିବା ସହ ଡ୍ରାଇଭରଙ୍କୁ ଆକ୍ରମଣ କରିଛନ୍ତି। ଏ ନେଇ ଉଭୟ ପକ୍ଷରୁ ଥାନାରେ ଏତଲା ହୋଇଛି।

ବାଲିଚୋରାଚାଲାଣ ଚାଲିଥିବା ଖବରପାଇ ଖଣି ବିଭାଗ ଅଧିକାରୀ କୀର୍ତି ରଞ୍ଜନ ସେଟ ଓ ତାଙ୍କ ଟିମ ପୋଲିସ ଫୋର୍ସ ସହ ସକାଳ ପ୍ରାୟ ୭ଟାରେ ରଷିକୂଲ୍ୟା ବ୍ରିଜ୍ ନିକଟକୁ ଆସିଥିଲେ। ସେଠାରୁ ବାଲି ଉତ୍ତୋଳନରେ ନିୟୋଜିତ ଜେସିବି ମେଶିନକୁ ଜବତ କରି ଥାନାକୁ ଅଣାଯାଉଥିବା ବେଳେ କେତେଜଣ ବ୍ୟକ୍ତି ବାଟରେ ଅଟକାଇଥିଲେ। ସେମାନେ ପୋଲିସ ଫୋର୍ସ ଆସିଥିବା ବୋଲେରୋକୁ ଭାଙ୍ଗିବା ସହ ଡ୍ରାଇଭରଙ୍କୁ ଆକ୍ରମଣ କରି ଜେସିବି ନେଇ ଯାଇଥିବା ଖଣି ଅଧିକାରୀ ଗଞ୍ଜାମ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଜେସିବି ଠିଆ ହୋଇଥିବା ବେଳେ କୋଲମାଇନ୍ସ କର୍ମଚାରୀମାନେ ଜେସିବି ଡ୍ରାଇଭର ତୋଫାନ ଦାସଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିବା ଥାନାରେ ପାଲଟା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗଞ୍ଜାମ ଥାନାଧିକାରୀ ନମିତା ପାତ୍ରଙ୍କୁ ପଚାରିବାରେ ଉଭୟଙ୍କ ପକ୍ଷ ଏତଲା ଦେଇଛନ୍ତି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଯେତେବେଳେ ବି ବେଆଇନ ବାଲି ଚାଲାଣ ଖବର ମିଳିଛି ଚଢ଼ାଉ କରିଛୁ, ପ୍ରତ୍ୟେକ ଦିନ ଚୋରା ଚାଲାଣ ହେଉଥିବା ଅଭିଯୋଗକୁ ସେ ଅସ୍ୱୀକାର କରିଛନ୍ତି।

# ଏମ୍ଏସ୍‌ଭି ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

ରମ୍ଭା, ୨୩।୩(ବନବାସୀ ସେଠୀ)

ସ୍ଥାନୀୟ ଏମ୍ଏସ୍‌ଭି ପବ୍ଲିକ ସ୍କୁଲର ଷଷ୍ଠ ବାର୍ଷିକୋତ୍ସବ ଅଧକ୍ଷା ସାବିତ୍ରୀ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ପ୍ରଫେସର ମେଜର ଆରଆର ପାଢ଼ୀ, ପ୍ରତିରକ୍ଷା ରିସର୍ଚ୍ଚ ଆଣ୍ଡ ଡେଭୋଲମେଣ୍ଟ ପ୍ରଶାସକ ଅଫିସର ଭଗବାନ ସାହୁ (ଏସପିଆର), ରମ୍ଭା ଥାନା ଆଇଆଇସି ସତ୍ୟବ୍ରତ ଭୂତିଆ, ରମ୍ଭା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳା, ସ୍ମିତୋରଞ୍ଜନ ସାହୁ, ଜ୍ଞାନ ରଞ୍ଜନ ପଟ୍ଟନାୟକ, ବୈଶିଷ୍ଟ୍ୟ ପାଣିଗ୍ରାହୀ ପ୍ରମୁଖ କ୍ରମାନ୍ୱୟରେ ବ୍ରହ୍ମପୁର ଓ ପୋଲସରା ଏମଏସଭି ସ୍କୁଲର ଚେୟାର ପର୍ସନ ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ରଖିଥିଲେ। ଛାତ୍ରୀଛାତ୍ରମାନେ ମାନସିକ ଚାପଗ୍ରସ୍ତ ନ ହୋଇ ସକାରାତ୍ମକ ଚିନ୍ତା ଧାରାରେ ରହିବା ପାଇଁ ବିଭିନ୍ନ ବକ୍ତା କହିଥିଲେ। ପ୍ରାରମ୍ଭରେ ସ୍ୱାଗତ ଓ ଅତିଥି ପରିଚୟ ଦେଇଥିଲେ ଉପସ୍ଥାପକ ଦୀପକ ପୃଷ୍ଟି। ଶିକ୍ଷାନୁଷ୍ଠାନର ପରିଚାଳନାର ନିର୍ଦ୍ଦେଶକ ବିଶ୍ୱଜିତ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପଠନ କରିଥିଲେ । ଦୀପକ କୁମାର ବିଶ୍ୱାଳ, ଚନ୍ଦନ ମହାପାତ୍ର, ମନସ୍ମିତା ନାୟକଙ୍କ ସହିତ ଅଣଶିକ୍ଷକ ମଞ୍ଚ ସଂଯୋଜନା କରିଥିଲେ।

# ନିର୍ବାଚନ ପାଇଁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୨୩।୩ (ଅରୁଣ ସାହୁ/ମନୋରଞ୍ଜନ ରଣା)

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଥାନା ଅଧିକାରୀ ଚିରଞ୍ଜୀବୀ ବେହେରାଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର ଅମରେନ୍ଦ୍ର ସୁବୁଦ୍ଧି ପ୍ରମୁଖ ସଦଳବଳ ଥାନାଠାରୁ ବାହାରି ବଜାର ସମେତ ଓଡ଼ିଆ ସାହି, ଧର୍ମସାହି, ଶିବମନ୍ଦିର ସାହି, ହାଟପଦା ଆଦି ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ଅବାଧ ଓ ନିରପେକ୍ଷ ନିର୍ବାଚନ କରିବା ଲକ୍ଷ୍ୟରେ ପୋଲିସ ଉପସ୍ଥିତିକୁ ଲୋକଲୋଚନକୁ ଅଣାଯିବା ଲକ୍ଷ୍ୟରେ ପୋଲିସ ବିଭିନ୍ନ ସ୍ଥାନରେ ନାକା ଲଗାଇ ଗାଡିମୋଟର ଯାଞ୍ଚ କରିବା ସହ ପାଟ୍ରୋଲିଂକୁ ଜୋରଦାର କରାଯାଉଥିବା ଥାନା ଅଧିକାରୀ ଚିରଞ୍ଜୀବୀ ବେହେରା କହିଛନ୍ତି। ନିର୍ବାଚନ ଆହୁରି ୧ ମାସରୁ ଉର୍ଦ୍ଧ୍ୱ ରହିଥିବା ବେଳେ ପୋଲିସ ପକ୍ଷରୁ ଆଇନଶୃଙ୍ଖଳାକୁ କଡାକଡ଼ି କରାଯାଇଛି। ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜିବ, ସେଥିପାଇଁ ପୋଲିସ ସମ୍ପୂର୍ଣ୍ଣ ସଜାଗ ରହିଥିବା ସ୍ଥାନୀୟ ଲୋକଙ୍କୁ ସଚେତନ କରାଯାଇଥିଲା। ସେହିପରି ଅଞ୍ଚଳରେ ଚୋରାମଦ କାରବାରକୁ ରୋକିବା ଦିଗରେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ପୋଲିସ ଅଧିକାରୀ କହିଛନ୍ତି।

# ଦ୍ୱାର ଭୋଗ ସରିଲା, ସାହିଯାତ୍ରା ଆଜି

ଗଞ୍ଜାମ, ୨୩।୩(ବିଦ୍ୟାଧର ସାହୁ)

**ଗଞ୍ଜାମ ଐତିହାସିକ ଦୋଳଯାତ୍ରା**



ଠାକୁରଙ୍କ ସାହି ପରିକ୍ରମା।

ଗଞ୍ଜାମ ସହରରେ ଆରମ୍ଭ ହୋଇଯାଇଛି ଐତିହାସିକ ଦୋଳଯାତ୍ରା। ଏଥିପାଇଁ ଗାଁ ଓ ସହର ଉତ୍ସବମୁଖର ହୋଇଉଠିଛି। ୫ଦିନିଆ ଏହି ଯାତ୍ରା ଗତ ଗୁରୁବାରଠାରୁ ଆରମ୍ଭ ହୋଇଛି। ଯାତ୍ରା ଉପଲକ୍ଷେ ବିଳମ୍ବିତ ରାତିରେ ସମସ୍ତ ସାହି ଠାକୁରଙ୍କୁ ଅବିର ଅର୍ପଣ କରାଯାଇଥିଲା। ପରମ୍ପରା ରୀତିନୀତି ଅନୁଯାୟୀ ଠାକୁରଙ୍କ ପୂଜାର୍ଚ୍ଚନା ପରେ ଶୁକ୍ରବାର ପୁଣି ବିଳମ୍ବିତ ରାତିରେ ସମସ୍ତ ଠାକୁର ସୁସଜ୍ଜିତ ବିମାନରେ ବିରାଟ ପଟୁଆରରେ ଦ୍ୱାର ଭୋଗ ଲାଗି ହୋଇ ସ୍ୱମନ୍ଦିରକୁ ଫେରିଛନ୍ତି। ପୁଇଁତୋଳା ଗ୍ରାମର ୩ ଠାକୁର ଭୋଗ ଖାଇବା ପରେ ଗାଁ ତିନିମୁଁହା ଛକ ନିକଟରେ ମହାମିଳନ ହୋଇଥିଲା। ଏହି ମହାମିଳନ ସମୟରେ ହରିବୋଲ ଆଉ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା ମିଳନ ସ୍ଥଳ। ରବିବାର ସାହିଯାତ୍ରା। ଠାକୁର ନିଜ ସାହି ପିଣ୍ଡିରେ ବସି ଭୋଗ ଖାଇବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ରାମାୟଣ, ଭାରତଲୀଳା, ରାଧାପ୍ରେମ ଲୀଳା, ପାଲା, ଘୁଡୁକି, ଦାସକାଠିଆ ଆଦି ନାଟକ ପରିବେଷଣ ହେବ। ପରେ ସମସ୍ତ ସାହିର ୧୬ ଠାକୁର ବିରାଟ ପଟୁଆରରେ ଦୋଳ ବିମାନରେ ବସି ବଜାରରେ ପହଞ୍ଚିବା ପରେ ବଜାର ଯାତ୍ରା ଆରମ୍ଭ ହେବ। ଏହି ଯାତ୍ରା ନିମନ୍ତେ ସାନବଜାରଠାରୁ ବଡ଼ବଜାର ଏବଂ ତ୍ରିବେଣୀ ମଠ ଛକ ପର୍ଯ୍ୟନ୍ତ ବିଭିନ୍ନ ପସରା ପଡ଼ିଛି। ବଡ଼ବଜାର ପେଟ୍ରୋଲ ପମ୍ପ ପଡ଼ିଆରେ ପିଲାଙ୍କ ପାଇଁ ଦୋଳି ପଡ଼ିଛି। ସମସ୍ତ ସାହି କମିଟି ଏହି ଯାତ୍ରାକୁ ପରିଚାଳନା କରୁଥିବା ବେଳେ ସବୁ ବିଭାଗୀୟ ଅଧିକାରୀ ଏଥିପ୍ରତି ସଜାଗ ରହିଛନ୍ତି। ଗଞ୍ଜାମ ଥାନା ପୋଲିସ ପକ୍ଷରୁ ସୁରକ୍ଷା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ଆଇଆଇସି ସୁମିତ୍ରା ପାତ୍ର ସୂଚନା ଦେଇଛନ୍ତି।

# ନିର୍ବାଚନୀ ଆପ୍ ବ୍ୟବହାର ପାଇଁ ତାଲିମ

ପାରଳାଖେମୁଣ୍ଡି, ୨୩।୩ (ଗିରିଧାରୀ ପରିଛା)

ଚଳିତ ସାଧାରଣ ନିର୍ବାଚନରେ 'ସୁବିଧା' ଆପ ମାଧ୍ୟମରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ନୋଡାଲ ଅଧିକାରୀମାନଙ୍କୁ ସୁବିଧା ଆପ ବ୍ୟବହାର ନିମନ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ତାଲିମ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମରେ ରାଜନୈତିକ ପ୍ରତିନିଧିମାନେ ଆପ ତଥା ଅନଲାଇନରେ ଆବେଦନ କରିପାରିବେ। ଯାହାଦ୍ୱାରା ନାମାଙ୍କନ ପତ୍ର, ଆଫିଡିଭିଟ ଓ ରାଲି, ସଭା ସମିତି ଇତ୍ୟାଦି ପାଇଁ ଅନଲାଇନ ମାଧ୍ୟମରେ ଆବେଦନ କରିପାରିବେ। ଆବେଦନ କରିବାର ୪୮ ଘଣ୍ଟା ମଧ୍ୟରେ ପ୍ରମାଣ ପତ୍ର ପାଇପାରିବେ। ସେହିପରି ପ୍ରଚାର ପାଇଁ ଆବଶ୍ୟକ ଅନୁମତିଗୁଡ଼ିକର ତାଲିକା ଦେଖିବାର କ୍ଷମତା ଓ ସେମାନଙ୍କର ଅନୁମତି ପ୍ରୟୋଗର ସ୍ଥିତିକୁ ଟ୍ରାକ କରିବାର କ୍ଷମତା ଅନୁମତି ଫର୍ମ ଡାଉନଲୋଡ କରି ଅନଲାଇନରେ ଦାଖଲ କରିବାର କ୍ଷମତା ପ୍ରାର୍ଥୀଙ୍କ ସଂପୂର୍ଣ୍ଣ ବିବରଣୀ ରହିଛି। ଶିବିରରେ ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ କୁମାର, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଉପଜିଲାପାଳ ଅନୁପ ପଣ୍ଡା ଉପସ୍ଥିତ ଥିଲେ।

# ଶୃଙ୍ଖଳିତ ନିର୍ବାଚନ ପାଇଁ ବୈଠକ

ଧରାକୋଟ, ୨୩।୩(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଆସନ୍ତା ସାଧାରଣ ନିର୍ବାଚନକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଆସିଷ୍ଟାଣ୍ଟ ରିଟର୍ନିଂ ଅଫିସର ତଥା ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ କଲ୍ୟାଣ ଅଧିକାରୀ ଅନିଲ ପ୍ରଧାନଙ୍କ ସମେତ ସମସ୍ତ ୧୩ଜଣ ସେକ୍ଟର ଅଫିସର ଉପସ୍ଥିତ ଥିଲେ। ବ୍ଲକର ୧୮ଟି ପଞ୍ଚାୟତର ୯୨,୨୦୦ ଭୋଟର ୧୧୦ଟି ବୁଥ୍‌ରେ ମତଦାନ କରିବେ। ପ୍ରତ୍ୟେକ ବୁଥ୍‌ରେ ପିଇବା ପାଣି, ଶୌଚାଳୟ, ବିଦ୍ୟୁତ୍, ର୍ୟାମ୍ପ ଓ ଉପଲବ୍ଧ ରହିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଚଳିତ ନିର୍ବାଚନରେ କମ୍ ଛାତ୍ରୀଛାତ୍ର ଥିବା ବନ୍ଦ ସ୍କୁଲ ମଧ୍ୟରୁ ୧୧ଟି ସ୍କୁଲରେ ବୁଥ କରାଯିବ। ୪୦ ପ୍ରତିଶତରୁ ଅଧିକ ଅକ୍ଷମତା ଥିବା ଦିବ୍ୟାଙ୍ଗ ଓ ୮୫ବର୍ଷରୁ ଅଧିକ ବ୍ୟକ୍ତିଙ୍କ ପାଇଁ ଘରେ ମତଦାନ ବ୍ୟବସ୍ଥା ଗ୍ରହଣ କରାଯିବ। ମୋଟ ୫୦ଟି ଚାରିଚକିଆ ଯାନ ପୋଲିଂ ଅଧିକାରୀଙ୍କ ପାଇଁ ଆବଶ୍ୟକ ରହିଥିବା କୁହାଯାଇଥିଲା। ଖୁବ୍‌ଶୀଘ୍ର ଉତ୍ତେଜନାପ୍ରବଣ ବୁଥ ଚିହ୍ନଟ କରାଯିବ ବୋଲି ବୈଠକରୁ ଜଣାଯାଇଛି।

# କଂଗ୍ରେସ ସରକାରକୁ ଆସିଲେ କୃଷିଋଣ ଛାଡ଼

ପାରଳାଖେମୁଣ୍ଡି/ଫୁଲବାଣୀ, ୨୩।୩ (ଗିରିଧାରୀ ପରିଛା/ ରାକେଶ ରାଉତ):



ଫୁଲବାଣୀଠାରେ କଂଗ୍ରେସ ପକ୍ଷରୁ ଇସ୍ତାହାର ପ୍ରଦର୍ଶନ କରାଯାଉଛି।

ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲା ସଭାପତି ତଥା ମୋହନା ବିଧାୟକ ଦାସରଥି ଗମାଙ୍ଗଙ୍କ ଅଧ୍ୟକ୍ଷତାରେ ଶନିବାର ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଆଗକୁ ହେବାକୁ ଥିବା ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି କଂଗ୍ରେସ ପ୍ରତ୍ୟେକ ଜିଲରେ ଇସ୍ତାହାର ଉନ୍ମୋଚନ କରିଛି। ଗଜପତି ଜିଲାରେ ମଧ୍ୟ ମଞ୍ଚାସୀନ ପୂର୍ବତନ ଜିଲା ସଭାପତି ବିଭୁତି ଭୂଷଣ ପାତ୍ର, ସମ୍ପାଦକ ଅଭିମନ୍ୟୁ ପଣ୍ଡା, ଈଶ୍ୱର ମାଝୀ, ସୂର୍ଯ୍ୟ ନାରାୟଣ ପାତ୍ର ଏବଂ ବସନ୍ତ କୁମାର ପଣ୍ଡାଙ୍କ ଉପସ୍ଥିତିରେ କଂଗ୍ରେସ ଗ୍ୟାରେଣ୍ଟି ଇସ୍ତାହାର ଉନ୍ମୋଚନ କରାଯାଇଥିଲା। ଏଥିରେ ବୋନସ ସହ ଧାନର କ୍ରୟ ମୂଲ୍ୟ କୁଇଣ୍ଟାଲ ପ୍ରତି ୩୦୦୦ ଟଙ୍କା, କୃଷିଋଣ ଛାଡ଼ ସହ କୃଷକ ପାଇଁ ମାସିକ ପେନସନ ୨୦୦୦ ଟଙ୍କା, ପ୍ରତ୍ୟେକ ଘରୋଇ ଉପଭୋକ୍ତାଙ୍କ ପାଇଁ ୨୦୦ ୟୁନିଟ ବିଦ୍ୟୁତ ଦେୟ ଛାଡ଼, ୫ ଲକ୍ଷ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା, ବେକାରୀ ଭତ୍ତା ମାସିକ ୩୦୦୦ ଟଙ୍କା, ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଛାଡ଼, ଗୃହଲକ୍ଷ୍ମୀ ଯୋଜନାରେ ପ୍ରତ୍ୟେକ ଘରର ମୁଖ୍ୟ (ମହିଳା)ଙ୍କୁ ମାସିକ ଭତ୍ତା ୨୦୦୦ ଟଙ୍କା, ପ୍ରତି ପରିବାରକୁ ମାସକୁ ୫୦୦ ଟଙ୍କାରେ ଗୋଟିଏ ସିଲିଣ୍ଡର, ସରକାରୀ କର୍ମଚାରୀଙ୍କ ସମେତ ସମସ୍ତଙ୍କ ପାଇଁ ୨୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ମାଗଣା ଚିକିତ୍ସା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ଦିବ୍ୟାଙ୍ଗ ଭତ୍ତା ମାସିକ ୨୦୦୦ ଟଙ୍କା ଓ ଚାକିରି କ୍ଷେତ୍ରରେ ପଛୁଆ ବର୍ଗ ପାଇଁ ୨୭% ସଂରକ୍ଷଣ ବ୍ୟବସ୍ଥା ଆଦି ରହିଛି। ଏହି କାର୍ଯ୍ୟକ୍ରମରେ ମୁନା ମହାରଣା, ମହିଳା କଂଗ୍ରେସ ସଭାନେତ୍ରୀ ସେକ ଜସ୍ମିନ ରଫି, ରଞ୍ଜିତା ପାଣିଗ୍ରାହୀ, ବଂଶଧାରା ସାମନ୍ତ ସିଂହାର, ରୁଷମା ଗମାଙ୍ଗ, ରମ୍ଭା ନାୟକ, ଗୁମ୍ମା ବ୍ଲକର ଲଳିତ ମୋହନ ଦଣ୍ଡସେନା, ଆର ଉଦୟଗିରି ବ୍ଲକର ଜାକବ ମାଝୀ କାଶୀନଗର ବ୍ଲକର ସବରା ନାଇଡୁ, ରାୟଗଡ଼ା ବ୍ଲକର ମର୍ଶୁଧା ମଣ୍ଡଳ ପାରଳାଖେମୁଣ୍ଡି ରାଜା ପାତ୍ର, ସନ୍ତୋଷ ପଣ୍ଡା, ପୁରୁଷୋତ୍ତମ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି କନ୍ଧମାଳ ଜିଲା କଂଗ୍ରେସ କମିଟି ପକ୍ଷରୁ ଶନିବାର ସ୍ଥାନୀୟ ନେତାଜୀ କ୍ଲବରେ ସାଧାରଣ ନିର୍ବାଚନ ଉପଲକ୍ଷେ ସଂକଳ୍ପ ପତ୍ର ଘୋଷଣା କରାଯାଇଛି। ଜିଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡ଼ା, ଏଆଇଏମସିଏସ ସସ୍ମିତା ବେହେରା ଯୋଗଦେଇଥିଲେ । ଖବରଦାତା ସମ୍ମିଳନୀରେ ପୂର୍ବତନ ଜିଲା ସଭାପତି ଅନାମ ନାୟକ, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ଜୟନ୍ତୀ ପ୍ରଧାନ, ଡିସିସି ଉପସଭାପତି ହେମନ୍ତ କର, ଶ୍ରମିକ ନେତା ଘନ ଶବର, ସୂର୍ଯ୍ୟ କାନ୍ତ ଦାସ, ଡ଼ି ସିସି ଉପସଭାପତି ରଜତ କୁମାର ମହାନ୍ତି, ସାଧାରଣ ସମ୍ପାଦକ ସରୋଜ କୁମାର ପ୍ରଧାନ, ମିଡିଆ ସେଲ ଅଧ୍ୟକ୍ଷ ବସନ୍ତ କୁମାର ପାଢ଼ୀ, ସଞ୍ଜୟ କୁମାର କହଁର, ସଂସାର ଭୋଇ, ଫୁଲବାଣୀ ବ୍ଲକ ସଭାପତି ପ୍ରତିଭା କହଁର, ଶିବ ଶଙ୍କର ବେହେରାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ଆଶାୟୀ ପ୍ରାର୍ଥୀଙ୍କ ଜନସମ୍ପର୍କ ଯାତ୍ରା

କବିସୂର୍ଯ୍ୟନଗର, ୨୩।୩(କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟନଗର ବ୍ଲକ ଆସିକା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ସମାଜିକ କର୍ମୀ ତଥା ଆଶାୟୀ ବିଧାୟକ ପ୍ରାର୍ଥୀ ମନୋଜ ନାହାକ ଜନସମ୍ପର୍କ ଯାତ୍ରା ଆରମ୍ଭ କରିଛନ୍ତି। ମନୋଜ ଦୀର୍ଘ ୩ଦଶନ୍ଧି ଧରି ବିଭିନ୍ନ ସାମାଜିକ କାର୍ଯ୍ୟକରି ଚର୍ଚ୍ଚାରେ ରହିଥିବା ବେଳେ ସେ ଆସିକା ବିଧାୟକ ଆଶାୟୀ ପ୍ରାର୍ଥୀ ଭାବେ ଜନସେବା ପାଇଁ ମନୋନିବେଶ କରିଛନ୍ତି । ଶନିବାର କବିସୂର୍ଯ୍ୟନଗର ଆମ୍ଭପୁଆ ପଞ୍ଚାୟତର ବଲିଆପଲ୍ଲୀ, ଏକଦାଶୀ, ଆମ୍ଭପୁଆ ଗାଁ, ବୋରିସିଂ ପଞ୍ଚାୟତର ଭାଟପଡା, ବଡ଼ଚିଆପଡା, ବୋରିସିଂ ଗାଁ, ପାଇକ ଯମୁନା ପଞ୍ଚାୟତର ପାଇକଯମୁନା, ନିମୁଣ୍ଡିଆ, ଓସିଙ୍ଗି, ବନପଲ୍ଲୀ ଓ ସୁନାପଲ୍ଲୀ ପଞ୍ଚାୟତର ଅସିନୀପୁର, ସୁନାପଲ୍ଲୀ, ଗୁଣ୍ଡପଡା ଆଦି ଗାଁ ବୁଲି ଲୋକଙ୍କ ସହ ମିଶିଥିଲେ । ଲୋକେ ସରକାରୀ ସୁବିଧା ପାଉଛନ୍ତି କି ନାହିଁ ପଚାରି ବୁଝିବା ସହ ଆଗକୁ ସେବା ଜାରି ରଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ଜଳଖିଆରେ ଲୁହାକଣ୍ଟା

ଦାରିଙ୍ଗବାଡି, ୨୩।୩ (ଅରୁଣ ସାହୁ ):

ଆଳୁ ଚପରେ ଲୁହା କଣ୍ଟା। କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସିମନବାଡିର ଏକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ମାର୍କେଟରୁ ନିଆଯାଇଥିବା ଜଳଖିଆ ଦିଆଯାଇଥିଲା। ଆଳୁଚପ୍‌ରେ ଏକ ଲୁହା କଣ୍ଟା ବାହାରିଥିଲା ଓ ଶିଶୁଟି ତାଙ୍କ ବିଦ୍ୟାଳୟର ପ୍ରିନ୍ସପାଲଙ୍କୁ ଜଣାଇଥିଲେ। ତୁରନ୍ତ ଉକ୍ତ ଜଳଖିଆ ଦୋକାନରୁ ଅଣାଯାଇଥିବା ସମସ୍ତ ଜଳଖିଆକୁ ଫୋପଡ଼ା ଯାଇଥିଲା ଓ ହୋଟେଲ ମାଲିକଙ୍କୁ ଅବଗତ କରାଯାଇଥିବା ଘଟଣା ଏବେ ପ୍ରଘଟ ହେବାରେ ଲାଗିଛି। ଯଦି ପିଲାଟି ଜଳଖିଆ ଖାଇଥାନ୍ତା ତେବେ ବଡ଼ ଦୁର୍ଘଟଣା ଘଟିଆନ୍ତା। ଜିଲାରେ ଥିବା ଖାଦ୍ୟ ନିରାପତ୍ତା ବିଭାଗର ଅଧିକାରୀ କେବଳ ଫୁଡ ଲାଇସେନ୍ସ ବ୍ୟବସାୟୀଙ୍କୁ ଧରାଇଦେଇ କାମ ସାରିଦେଉଛନ୍ତି। କୌଣସି ଯାଞ୍ଚ କରାଯାଉ ନ ଥିବାରୁ ଖାଦ୍ୟ ନିରାପତ୍ତା ନେଇ ଉଦବେଗଜନକ ପରିସ୍ଥିତି ସୃଷ୍ଟି ହୋଇଛି।

# ଲୁଟ୍ ଘଟଣାର ମାସକ ପରେ ବି ପୋଲିସ ହାତ ଖାଲି

ଚିକିଟି, ୨୩।୩(ପ୍ରକାଶ ଚନ୍ଦ୍ର ସାହୁ)

ବ୍ରହ୍ମପୁର ପୋଲିସ ଜିଲା କେ.ନୂଆଗାଁ ଥାନା ଅଧିନ ଚିକିଟିପେଣ୍ଠ ମୁଖ୍ୟ ବଜାରରେ ରହୁଥିବା ପି. ନାଗେଶ୍ୱର ରାଓ ସୁବୁଦ୍ଧିଙ୍କ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍ ହୋଇଥିଲା। ଏହି ଘଟଣାର ୧ ମାସ ବିତିଯାଇଥିଲେ ସୁଦ୍ଧା ପୋଲିସର ହାତ ଖାଲି ରହିଛି। ପୋଲିସକୁ ଅଭିଯୁକ୍ତଙ୍କ ସମ୍ପର୍କରେ ସୁରାକ ମିଳନି। ଚିକିଟିପେଣ୍ଠ ଅଞ୍ଚଳରେ ଗତ ଏକ ବର୍ଷ ମଧ୍ୟରେ ପ୍ରାୟ ୧୦ରୁ ୧୫ଟି ଏଭଳି ଚୋରି ଘଟଣା ଘଟିଥିଲେ ମଧ୍ୟ ପୋଲିସ କୌଣସି ଗୋଟିଏ ଘଟଣାରେ ସଫଳତା ମିଳିନି। ଏହା କେ.ନୂଆଗାଁ ଥାନା ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ପ୍ରଶାସନର କୋହଳ ନୀତି ଓ ଦିବାରାତି ପାଟ୍ରୋଲିଂ ଅଭାବ ଯୋଗୁଁ ଏଭଳି ଘଟି ଚାଲିଥିବା ଅଭିଯୋଗ ହେଉଛି।

ଗତ ଫେବୃଆରୀ ୨୫ ତାରିଖ ମଧ୍ୟରାତ୍ରିରେ ଚିକିଟିପେଣ୍ଠ ମୁଖ୍ୟ ବଜାରର ନାଗେଶ୍ୱରଙ୍କ ଘରୁ ୨ରୁ ୩ ଜଣ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନାଗହଣା ସମେତ ୧୦ ହଜାର ଟଙ୍କା ଲୁଟିନେଇ ଚମ୍ପଟ ମାରିଥିଲେ। ଏନେଇ ୨୬ ତାରିଖରେ ପୋଲିସରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ନଂ.୫୮/୨୦୨୪ରେ ମାମଲା ରୁଜୁ ହୋଇଥିଲା। ଚିକିଟି ଏସଡିପିଓ ସୁଜିତ କୁମାର ନାୟକ, କେ.ନୂଆଗାଁ ଥାନାଧିକାରୀ କିଶୋର କୁମାର ସାମଲ ଏବଂ ବ୍ରହ୍ମପୁର ସାଇଣ୍ଟିଫିକ ଟିମ ସନ୍ଧାନୀ କୁକୁର ଧରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ଆଖପାଖ ଦୋକାନରେ ଲାଗିଥିବା ସିସି କ୍ୟାମେରା ଫୁଟେଜ ଯାଞ୍ଚ ହୋଇଥିଲା। ତଥାପି ଏକ ମାସ ପରେ ବି ପୋଲିସ ଲୁଟେରାଙ୍କ କୌଣସି ସୁରାକ ପାଇପାରିନି। ଏ ସମ୍ପର୍କରେ କେ.ନୂଆଗାଁ ଥାନାଧିକାରୀ କିଶୋର କୁମାର ସାମଲଙ୍କ ସହ ଯୋଗାଯୋଗ କରିବାରୁ ଉକ୍ତ ଘଟଣାର ତଦନ୍ତ ଚାଲୁରହିଥିବା କହିଛନ୍ତି।

# କଂଗ୍ରେସର ଗ୍ୟାରେଣ୍ଟି ଇସ୍ତାହାର ଉନ୍ମୋଚିତ

ଆସିକା, ୨୩।୩(ସୁରେନ୍ଦ୍ର ନାଥ ସାହୁ):




କଂଗ୍ରେସର ଗ୍ୟାରେଣ୍ଟି ଇସ୍ତାହାର ଉନ୍ମୋଚନ କରାଯାଉଛି।

ଆସିକା ଏନ୍ଏସିର ଖମ୍ବେଶ୍ୱରୀ ପାଟଣାସ୍ଥିତ ଗଞ୍ଜାମ ଜିଲା କଂଗ୍ରେସ (ପଶ୍ଚିମ) କାର୍ଯ୍ୟାଳୟରେ ଶନିବାର ଦଳର ଚଳିତ ନିର୍ବାଚନ ପାଇଁ ଗ୍ୟାରେଣ୍ଟି ଇସ୍ତାହାର ଉନ୍ମୋଚନ କରାଯାଇଛି। ଜିଲା (ପଶ୍ଚିମ) କଂଗ୍ରେସ କମିଟି ସଭାପତି ରବୀନ୍ଦ୍ର ନାଥ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଳୀୟ ଇସ୍ତାହାର ଉନ୍ମୋଚନ ସହ ଆଗାମୀ ଦିନରେ ଏହାର କାର୍ଯ୍ୟକାରିତା ନେଇ ଶତ ପ୍ରତିଶତ ଗ୍ୟାରେଣ୍ଟି ଦିଆଯାଇଥିଲା। କର୍ମୀମାନେ ଜନସାଧାରଣଙ୍କ ନିକଟରେ ଦଳିୟ ଗ୍ୟାରେଣ୍ଟି କାର୍ଯ୍ୟକ୍ରମ ଉପସ୍ଥାପନ କରି ଅଧିକରୁ ଅଧିକ ଜନମତ ସଂଗ୍ରହ ଦିଗରେ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମହିଳା କଂଗ୍ରେସ ରାଜ୍ୟ ସଂପାଦିକା ସୁଦିପ୍ତା ଦାଶ, ଦଣ୍ଡପାଣି ପାତ୍ର, ବ୍ଲକ କଂଗ୍ରେସ ସଭାପତି ଅଶୋକ କୁମାର ରାଉତ, ସଞ୍ଜୟ କୁମାର ମିଶ୍ର, ରାମନାରାୟଣ ବିଶ୍ୱାସ ରାଏ, ରଞ୍ଜିତ କୁମାର ପୋଲାଇ, କୁନା ବିଷୋୟୀ, ହରେକୃଷ୍ଣ ରଥ, ଭୋକିଲି ସେଠୀ, ବନିତା ପରିଡା, ଝୁନୁ ପରିଡାଙ୍କ ସମେତ ଭଞ୍ଜନଗର, ଆସିକା, ସୋରଡା, ହିଞ୍ଜିଳି, ସାନଖେମୁଣ୍ଡି, କବିସୂର୍ଯ୍ୟନଗର, ପୋଲସରା ଅଞ୍ଚଳର ବହୁ ନେତୃସ୍ଥାନୀୟ ବ୍ୟକ୍ତି ଯୋଗଦେଇଥିଲେ । ଏହି ଅବସରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ହିଞ୍ଜିଳି ନିର୍ବାଚନ ମଣ୍ଡଳି ଭାଜପା ନେତ୍ରୀ ଲକ୍ଷ୍ମୀ ଆଚାରୀଙ୍କ ନେତୃତ୍ୱରେ ୧୦ଜଣ କଂଗ୍ରେସରେ ସାମିଲ ହୋଇଥିଲେ।

